## ଆମପାଣି ଘାଟିରେ ଟ୍ରକ୍ ଓଲଟି ଡ୍ରାଇଭର ମୃତ

କୋକସରା (ଡି.ଏନ.ଏ.): କଳାହାଣ୍ଡି ଜିଲା ଆମପାଣି ଘାଟିରେ ସୋମବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ସାର ବୋଝେଇ ଟ୍ରକ୍ ଓଲଟି ପଡ଼ିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତେଲଙ୍ଗାନାର ରାଙ୍ଗାରେଡି ଜିଲା ନାଲ୍ଲା ଶ୍ରୀନିବାସ ରେଡ୍ଡି (୪୫)। ନବରଙ୍ଗପୁରରୁ ୨୬ ନଂ. ଜାତୀୟ ରାଜପଥ ଦେଇ ସାର ବୋଝେଇ ଟ୍ରକ୍ (ନଂ.ଏପି୨୯ଟିସି୧୬୬) ଆସୁଥିଲା। ଆମପାଣି ଘାଟି ରାସ୍ତା ବୁଲାଣିରେ ଭାରସାମ୍ୟ ହରାଇ ଦୁର୍ଘଟଣା ହୋଇଥିଲା। ଟ୍ରକ୍‌ରେ ଚାପି ହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ଆମପାଣି ପୋଲିସ ପହଞ୍ଚି କୋକସରା ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ଜାରି ରହିଛି।

## ସଂକ୍ଷେପରେ

### ଘରେ ପଶି ଲୁଟିଲେ ଟଙ୍କା, ସୁନା

**ଲୋଇସିଂହା,୬।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଭାଲିଆମୁଣ୍ଡା ବଳଦେବପୁର ଗାଁରେ ରବିବାର ରାତିରେ ବିଶ୍ୱରଞ୍ଜନ ତ୍ରିପାଠୀଙ୍କ ଘରୁ ଚୋରି ହୋଇଛି। ଘର ବାଡିପଟ ଦେଇ ଭିତରେ ପଶି ଚୋରମାନେ ନଗଦ ୭୦ହଜାର ଟଙ୍କା ଏବଂ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ନେଇଥିବା ବିଶ୍ୱରଞ୍ଜନ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଲୋଇସିଂହା ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଛନ୍ତି। ପୋଲିସ ସୂଚନାମତେ, ବିଶ୍ୱରଞ୍ଜନ ଘର ଛାତ ଉପରେ ଏବଂ ତାଙ୍କ ମା'ବାପା ଘରେ ଭିତରେ ଶୋଇଥିଲେ। ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଘର ପଶିବା ପରେ ଗଡ୍ରେଜ ଏବଂ ଆଲମିରା ତାଡି ସେଥିରେ ଥିବା ସୁନା ହାର, କାନଫୁଲ ଏବଂ ଟଙ୍କା ଚୋରି କରି ନେଇଥିଲେ। ଅଳଙ୍କାର ବାକ୍ସ ଓ ବିଶ୍ୱରଞ୍ଜନଙ୍କ ବିବାହ ଆଲବମକୁ ବାଡିପଟେ ଫିଙ୍ଗି ଦେଇଥିବା ବିଶ୍ୱରଞ୍ଜନ କହିଛନ୍ତି।

### ପ୍ରେମ ପ୍ରତାରଣା: ଯୁବତୀ ଗର୍ଭବତୀ

**କୁତ୍ରା, ୬।୬ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ ଜଣେ ଯୁବତୀଙ୍କୁ ପ୍ରତାରଣା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଜନୈକା ଯୁବତୀଙ୍କୁ ସେହି ଅଞ୍ଚଳର ଜନୈକ ଯୁବକ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବାରୁ ଯୁବତୀ ବର୍ତ୍ତମାନ ୫ ମାସର ଗର୍ଭବତୀ ଅଛନ୍ତି। ଏହା ଜଣାପଡିବା ପରେ ଭଦ୍ରବ୍ୟକ୍ତିଙ୍କ ସହିତ ଗାଁରେ ଏକ ବୈଠକ ବସିଥିଲା। ସେଠାରେ ଯୁବକ ଜଣକ ଉକ୍ତ ଯୁବତୀଙ୍କୁ ବିବାହ କରିବା ପାଇଁ ରାଜି ହୋଇଥିଲେ। ପରେ ଯୁବକ ବିବାହ କରିବା ପାଇଁ ମନାକରିବାରୁ ଯୁବତୀଙ୍କ ବାପା ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କୁତ୍ରା ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

### ଷ୍ଟୋଭ ନିଆଁରେ ପୋଡ଼ି ଘଟଣା: ଯୁବକ ମୃତ

**ରାଉରକେଲା ଅଫିସ,୬।୬:** ଷ୍ଟୋଭ ନିଆଁରେ ପୋଡି ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ସୋମବାର ମୃତ୍ୟୁ ହୋଇଛି। ମୃତକ ହେଲେ ରାୟବଗା ଅଞ୍ଚଳ ସୁମିତ ସାଗର ଟୋପୋ(୨୮)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୪।୨୨) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ, ଗତ ୨୨ ତାରିଖରେ ବ୍ରାହ୍ମଣୀତରଙ୍ଗ ଥାନା ରାୟବଗା ଅଞ୍ଚଳର ସୁମିତ ଷ୍ଟୋଭରେ ଭାତ ରାନ୍ଧୁଥିଲେ। ସେ ପ୍ରେସର ଦେବାବେଳେ ହଠାତ ଷ୍ଟୋଭ ଫାଟିଯାଇଥିଲା। ଫଳରେ ତାଙ୍କର ଶରୀରର ୮୦ ଭାଗ ପୋଡି ଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ଆରଜିଏଚ୍ ଓ ପରେ ଜେପି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ସୋମବାର ସକାଳ ୮ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# 'ବିନା ଜଙ୍ଗଲରେ ପୃଥିବୀ ତିଷ୍ଠିବା ସମ୍ଭବ ନୁହେଁ'

**ବଲାଙ୍ଗୀର ଅଫିସ, ୬।୬**

ବିନା ଜଙ୍ଗଲରେ ପୃଥିବୀ ତିଷ୍ଠିବା ସମ୍ଭବ ନୁହେଁ। ଆମ ସୁନ୍ଦର ପୃଥିବୀକୁ ବଞ୍ଚାଇବାକୁ ହେଲେ ଆମକୁ ଅଧିକ ସଚେତନ ହେବାକୁ ପଡିବ ଏବଂ ପରିବେଶ ପ୍ରଦୂଷଣ ରୋକିବାକୁ ହେବ। ବଲାଙ୍ଗୀର ବନଖଣ୍ଡ ପକ୍ଷରୁ ବିଜାଖମଣସ୍ଥିତ ମେଗା ନର୍ସରୀରେ ବିଶ୍ୱ ପରିବେଶ ଦିବସ ପାଳନ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଡିଏଫ୍ଓ ନୀତିଶ କୁମାର। ଏସିଏଫ୍ ବାବାଜୀ ଚରଣ ରାଉଳଙ୍କ ପରିଚାଳନାକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ସୁଧୀର ମିଶ୍ର ଯୋଗଦେଇ ପରିବେଶ ଦିବସ ଉପରେ କହିଥିଲେ। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜଙ୍ଗଲ ସୁରକ୍ଷା, ପଶୁପକ୍ଷୀଙ୍କ ଜୀବନ ରକ୍ଷା ଦିଗରେ କାର୍ଯ୍ୟ କରୁଥିବା ୧୩ ଜଣଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାରେ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ, ବନ ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବୀ, ପରିବେଶ କର୍ମୀ ଓ ପ୍ରେମୀଙ୍କ ମଧ୍ୟରେ ବିଭିନ୍ନ ପରିବେଶ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ଏବଂ ପ୍ରସଙ୍ଗରେ ବକ୍ତୃତା ଏବଂ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାକୁ ଡିଏଫ୍ଓ କୁମାର ପରିଚାଳନା କରିଥିଲେ। ସମସ୍ୟାରେ ପଡିଥିବା ପଶୁପକ୍ଷୀ ଓ ସରୀସୃପ ଉଦ୍ଧାରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କର୍ତ୍ତବ୍ୟ ଫାଉଣ୍ଡେଶନ୍‌କୁ ପୁରସ୍କୃତ କରାଯାଇଥିଲା। ଡିଏଫ୍ଓ ଏହି ଅନୁଷ୍ଠାନର ଶୈଳେନ୍ଦ୍ର ଶତପଥୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସାପ ଧରିବା ଉପକରଣ ପ୍ରଦାନ କରିଥିଲେ। ସେଣ୍ଟର ଫର୍ ଏନ୍‌ଭାଇରନ୍‌ମେଣ୍ଟାଲ ଷ୍ଟଡିଜ୍ ପକ୍ଷରୁ ଅନ୍‌ଲାଇନ୍‌ରେ ପ୍ରବନ୍ଧ ରଚନା, ଚିତ୍ରାଙ୍କନ, କବିତା ଏବଂ ସ୍ଲୋଗାନ ଲେଖା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩୨୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଡିଏଫ୍ଓ କୁମାର ପୁରସ୍କୃତ କରିଥିଲେ। ସଭାରେ ବନବିଭାଗ ରେଞ୍ଜ ଅଧିକାରୀ କେଶବ କିଶୋର ନାୟକ, ଅନନ୍ତ ପାଣିଗ୍ରାହୀ, ସୁବାସ ବରିହା, ଲଳଣା ନନ୍ଦ, ବିଜୟ ଗୁରୁ, ଅର୍ଜୁନ ସାହୁ, ବ୍ୟାସଦେବ ସାହୁ, ଅଶୋକ ସେଠୀ ସହଯୋଗ କରିଥିଲେ। ଆଗାମୀ ଦିନରେ ବଲାଙ୍ଗୀର ଜିଲାରେ ସବୁଜ ବଳୟ ତିଆରି ଦିଗରେ ଅଗ୍ରାଧିକାର ଦେବାକୁ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା।


ଡିଏଫ୍ଓ ନୀତିଶ କୁମାର କର୍ତ୍ତବ୍ୟ ଫାଉଣ୍ଡେସନ୍ ଟିମ୍‌କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

# ରେଙ୍ଗାଲି ନଦୀବନ୍ଧ ବାସଚ୍ୟୁତ ସମିତି ପକ୍ଷରୁ ଧାରଣା


ରେଙ୍ଗାଲି ନଦୀବନ୍ଧ ବାସଚ୍ୟୁତ ସମିତି ପକ୍ଷରୁ ଧାରଣା ଦିଆଯାଇଛି।

**ଦେବଗଡ଼,୬।୬ (ଡି.ଏନ୍.ଏ.)**

ରେଙ୍ଗାଲି ନଦୀବନ୍ଧ ବାସଚ୍ୟୁତ ସମିତି 'ଦେବଗଡ଼-ପାଲଲହଡା' ପକ୍ଷରୁ ସୋମବାର ୧୧ ଦଫା ଦାବି ପୂରଣ ନେଇ ବିକ୍ଷୋଭ କରାଯାଇଥିଲା। ପରେ ଧାରଣା ଦିଆଯାଇଛି। ପୂର୍ବାହ୍ନରେ ସମିତି ଅଧ୍ୟକ୍ଷ ନେତ୍ରାନନ୍ଦ ସାମଲଙ୍କ ନେତୃତ୍ୱରେ ଶତାଧିକ ବିସ୍ଥାପିତ ପରିବାର ସ୍ଥାନୀୟ ଗୋପାଳ ଜୀ ମନ୍ଦିର ପରିସରରୁ ବିଭିନ୍ନ ସ୍ଲୋଗାନ ସହ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣଧାରଣାରେ ବସିଥିଲେ। ରେଙ୍ଗାଲି ନଦୀବନ୍ଧ ବାସଚ୍ୟୁତ ସମିତି ପକ୍ଷରୁ କୋର୍ଟରେ ମାମଲା ହୋଇ ନ ଥିବା ବୁଡି ଜମିର ଏକର ପିଛା ପଚାଶ ହଜାର ଟଙ୍କା ଅନୁକମ୍ପାମୂଳକ କ୍ଷତିପୂରଣ ପ୍ରଦାନ, ଦେବଗଡ଼ ଜୋନ କାର୍ଯ୍ୟାଳୟରେ ସ୍ଥାୟୀ ଅଧିକାରୀ ନିଯୁକ୍ତି, ଆଂଶିକ ବୁଡି ଗ୍ରାମକୁ ସମ୍ପୂର୍ଣ୍ଣ ବୁଡି ଗ୍ରାମ ଘୋଷଣା, ପୁନଃବସତି ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା, ସ୍ଥାୟୀ ଜମି ପଟ୍ଟା ପ୍ରଦାନ, ନୂତନ ପରିବାର ଗଣନା, ପ୍ରତ୍ୟେକ ବୁଡି ପରିବାରକୁ ଅସ୍ଥାୟୀ ବାସଗୃହ ବାବଦକୁ ୨୫ହଜାର ଟଙ୍କା, ବାସଚ୍ୟୁତ ପରିବାର ଚିହ୍ନଟ ଓ ଥଇଥାନ ପୂର୍ବକ ନିଯୁକ୍ତି ପ୍ରଦାନ ଆଦି ଦାବି ରହିଛି। ପୂର୍ବରୁ ଦାବି ପୂରଣ ପାଇଁ ସରକାରଙ୍କୁ ବାସଚ୍ୟୁତ ସମିତି ପକ୍ଷରୁ ସମୟ ପ୍ରଦାନ କରାଯାଇଥିବାବେଳେ ଦାବି ପୂରଣ ନ ହେବାରୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଆରମ୍ଭ କରାଯାଇଛି। ଏହି ବିକ୍ଷୋଭ ଧାରଣା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମିତିର ଉପସଭାପତି ପର୍ଶୁରାମ ବେହେରା, କିଶୋରଚନ୍ଦ୍ର ସାମଲ, ପ୍ରହ୍ଲାଦ ଚନ୍ଦ୍ର ଗଡ଼ନାଏକ, ନିରଞ୍ଜନ ବେହେରା, ପ୍ରମୋଦ ଚନ୍ଦ୍ର ଭୁକ୍ତା, ଦିବ୍ୟଶଙ୍କର ଦ୍ୱିବେଦୀ, ସମ୍ପାଦକ ଚୌଧୁରୀ ବେହେରା, ଉପଦେଷ୍ଟା ରଞ୍ଜନ କୁମାର ସାହୁ, ସହସମ୍ପାଦକ ବେଣୁଧର ସାହୁ, ଗୌରହରି ପାଣି, ବିଶ୍ୱନାଥ ସ୍ୱାଇଁ, ଈଶ୍ୱର ଚନ୍ଦ୍ର ଦ୍ୱିବେଦୀ, ନିମାଇଁ ଚରଣ ସାହୁ ଓ କୃଷ୍ଣ ଚନ୍ଦ୍ର ଦ୍ୱିବେଦୀଙ୍କ ସମେତ ଶତାଧିକ ବିସ୍ଥାପିତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ।

## କୁକୁର ପଲ ଆକ୍ରମଣରେ ୨୦ ମେଣ୍ଢା ମୃତ

**କୋକସରା,୬।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରିଗୁଡା ଗ୍ରାମରେ କୁକୁର ପଲ ଆକ୍ରମଣରେ ୨୦ ମେଣ୍ଢାଙ୍କ ମୃତ୍ୟୁ ଘଟିଛି। ସୋମବାର ଚରୁଥିବା ମେଣ୍ଢାଙ୍କୁ କୁକୁର ପଲ ଆକ୍ରମଣ କରି ମାରି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ମେଣ୍ଢା ଚରାଳି ସୋମେଶ୍ୱର ଶବର ଗମ୍ଭାରିଗୁଡା ଗ୍ରାମର ବନିତା ଶବର, ଜୟନ୍ତୀ ପଟେଲ, ପ୍ରକାଶ ଶବର ୨୦ଟି ମେଣ୍ଢା ସୋମବାର ସକାଳୁ ଗାଁ ନିକଟ ଚିଙ୍ଗୁଡ଼ିବନ୍ଧ ପାଖକୁ ଚରାଇବାକୁ ନେଇଥିଲେ। ଏହି ସମୟରେ ୧୫ ରୁ ୨୦ ବୁଲା କୁକୁର ଗୋଡ଼ାଇ ଗୋଡ଼ାଇ ମେଣ୍ଢାପଲଙ୍କୁ ଆକ୍ରମଣ କରିଥିଲେ। ଏପରିକି ଚରାଳି ସୋମେଶ୍ୱରଙ୍କୁ ମଧ୍ୟ କୁକୁର ପଲ ଆକ୍ରମଣ କରିବାକୁ ଗୋଡାଇଥିଲେ। ସେ କୌଶଳ କ୍ରମେ ଜମି ହିଡରେ ଥିବା ଏକ ଗଛ ଉପରେ ଚଢି ନିଜର ଜୀବନ ରକ୍ଷା କରିଥିଲେ। ମେଣ୍ଢା ଚରାଳି ଚିତ୍କାର କରିବାରୁ ନିକଟ ଚାଷ ଜମିରେ କାମ କରୁଥିବା ଲୋକେ ଦୌଡି ଆସି କୁକୁରକୁ ଘଉଡାଇଥିଲେ। ଏହି ସମୟରେ ସମସ୍ତ ମେଣ୍ଢାଙ୍କ ମୃତ୍ୟୁ ହୋଇସାରିଥିଲା। ଏହା ବ୍ୟତୀତ ନିକଟସ୍ଥ ଓଲମା ଗ୍ରାମରେ ମଧ୍ୟ ଏହି କୁକୁର ପଲ ଛେଳି ଓ ମେଣ୍ଢା ଆକ୍ରମଣ କରିଥିବା ସୂଚନା ମିଳିଛି। ମେଣ୍ଢା ପୋଷି ନିଜ ପରିବାର ପ୍ରତିପୋଷଣ କରୁଥିବା ଗମ୍ଭାରୀଗୁଡା ଗ୍ରାମର ଗରିବ ଚାଷୀମାନେ କ୍ଷତିପୂରଣ ପାଇଁ ପ୍ରଶାସନ ପାଖରେ ଦାବି କରିଛନ୍ତି। ଏ ନେଇ କୋକସରା ପ୍ରାଣୀ ଚିକିତ୍ସାଳୟ ଡାକ୍ତର ପ୍ରସନ୍ନ କୁମାରଙ୍କୁ ପଚାରିବାରୁ ସେମିତି କିଛି କ୍ଷତିପୂରଣ ପାଇଁ ବ୍ୟବସ୍ଥା ନାହିଁ ବୋଲି କହିଛନ୍ତି।

## ବିକାଶ ଆଣୁଛି ବଡ଼ମାଁ ଚଳଚ୍ଚିତ୍ର


ଖବରଦାତା ସମ୍ମିଳନୀରେ ବିକାଶ ଗ୍ରୁପ୍ ଚେୟାରମ୍ୟାନ ଓ ଅନ୍ୟମାନେ।

**ବରଗଡ଼ ଅଫିସ୍,୬।୬**

ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବିକା ପାର୍ବତୀ ଗିରିଙ୍କ ଜୀବନୀ ଉପରେ ଆଧାରିତ ଚଳଚ୍ଚିତ୍ର ବଡ଼ମାଁର ସୁଟିଂ ଚାଲିଛି। ବିକାଶ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନ ପ୍ରାୟୋଜିତ ଏହି ଚଳଚ୍ଚିତ୍ର ଅଗଷ୍ଟ ସୁଦ୍ଧା ରିଲିଜ ହେବ। ସୋମବାର ବରଗଡ଼ ସହର ସ୍ଥିତ ବିକାଶ ଫାଷ୍ଟ ଷ୍ଟେପ୍ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ସୂଚନା ଦେଇଥିଲେ, ବିକାଶ ଗ୍ରୁପ୍ ଏବଂ ପଞ୍ଚବଟୀ ପ୍ରଡ଼କ୍ସନର ମିଳିତ ଆନୁକୂଲ୍ୟରେ ବଡ଼ମାଁ ଚଳଚ୍ଚିତ୍ରର ପ୍ରସ୍ତୁତି ଚାଲିଛି। ଆଜାଦୀ କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନେକ ଜନକଲ୍ୟାଣ ଯୋଜନାର ଶୁଭାରମ୍ଭ କରାଯାଉଛି।

ଏହି ଧାରାରେ ବିଭିନ୍ନ ସରକାରୀ, ବେସରକାରୀ ସ୍ତରରେ ଅନେକ କାର୍ଯ୍ୟକ୍ରମ ମାଧ୍ୟମରେ ଜନସଚେତନତା ଏବଂ ସ୍ୱାଧୀନତାର ମହନୀୟ ସ୍ୱାଦକୁ ଆବାଳ ବୃଦ୍ଧ ବନିତାଙ୍କ ହୃଦୟପଟରେ ପ୍ରସ୍ଫୁଟିତ କରିବାର ଚେଷ୍ଟା ଚାଲିଛି। ସିବିଏସ୍‌ଇ, ଏଆଇସିଟିଇ, ୟୁଜିସି ଭଳି ଶିକ୍ଷାତ୍ମକ ଗୁଣବତ୍ତା କାର୍ଯ୍ୟକାରୀ ସଂସ୍ଥାମାନେ ନିଜ ଅନୁବନ୍ଧିତ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଆଜାଦୀର ଅମୃତ ମହୋତ୍ସବ ସ୍ରୋତରେ ସହଯୋଗର ହାତ ବଢ଼ାଇଛନ୍ତି। ଏହି ମହତ କାର୍ଯ୍ୟର ସମତାଳରେ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଶନ ନିଜ ଯୋଗଦାନ ପୂର୍ବକ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଅବଦାନ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ବଡ଼ମାଁ ଚଳଚ୍ଚିତ୍ର ପ୍ରସ୍ତୁତି କରୁଛି। ଏହି ଚଳଚ୍ଚିତ୍ରକୁ ବିକାଶ ଗ୍ରୁପ୍ ପକ୍ଷରୁ ଆର୍ଥିକ ସହାୟତା ଏବଂ ଅନ୍ୟ ସହଯୋଗ ଯୋଗାଇ ଦିଆଯାଉଛି। ବରଗଡ଼ ଜିଲା ବିଜେପୁର ବ୍ଲକ ସମଲେଇପଦର ଗ୍ରାମରେ ଜନ୍ମଗ୍ରହଣ କରିଥିବା ଏହି ମହିୟସୀ ମହିଳାଙ୍କ ଜୀବନଶୈଳୀ, ଅବଦାନକୁ ଉପସ୍ଥାପନ କରି ଦେଶବ୍ୟାପୀ ଜନସାଧାରଣଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଏକ ଭିନ୍ନ ପରିଚୟ ସୃଷ୍ଟି କରିବା ପାଇଁ ଚେଷ୍ଟିତ ବୋଲି ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ମୁରଲୀକ୍ରୀଷ୍ଣା ସୂଚନା ଦେଇଥିଲେ। ନିର୍ଦ୍ଦେଶକ ଲିଟୁ ମହାନ୍ତି ଏହି ଚଳଚ୍ଚିତ୍ର ପ୍ରସ୍ତୁତି ସମ୍ପର୍କୀତ ବିଷୟବସ୍ତୁ, ସୁଟିଂ ସ୍ଥାନ ଏବଂ ଚଳଚ୍ଚିତ୍ରର ଦୃଷ୍ଟିକୋଣକୁ ଉପସ୍ଥାପନ କରିଥିଲେ। ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଚଳଚ୍ଚିତ୍ରଟି କିଭଳି ସମାଜ ପାଇଁ ଉପଯୋଗୀ ହୋଇପାରିବ, ସେ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଖବରଦାତା ସମ୍ମିଳନୀରେ ବରଗଡ଼ ସ୍ଥିତ ବିକାଶ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନେ ଉପସ୍ଥିତ ଥିଲେ।

## ନିଶା ନିବାରଣ ସଚେତନତା ରାଲି

**ରାଉରକେଲା ଅଫିସ,୬।୬:** ଉତ୍କଳ ବିହାର ମହିଳା ସମିତି 'ଆରାଧ୍ୟା' ପକ୍ଷରୁ ନିଶା ନିବାରଣ ଉପରେ ସୋମବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ଜଗଦା ସ୍ଥିତ ଉତ୍କଳ ବିହାର କାର୍ଯ୍ୟାଳୟରୁ ବାହାରି ସାରନା ଛକରେ ପହଞ୍ଚିଥିଲା। ଜଗଦା ସାଂସ୍କୃତିକ ପରିଷଦ ଉପଦେଷ୍ଟା ସଞ୍ଜୀବ ମହାନ୍ତି ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ନିଶା ନିବାରଣ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ସଙ୍ଗୀତା ଜେନା, ସାଧାରଣ ସମ୍ପାଦ ପ୍ରଭାତ ମହାନ୍ତି, ନବଜୀବନ ମଣ୍ଡଳ, ସୁନନ୍ଦା ବରା, ବାଣୀବ୍ରତ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ସମିତିସଭାନେତ୍ରୀ ହରପ୍ରିୟା ପଟ୍ଟନାୟକ, ପ୍ରେମଲତା ମହାନ୍ତି, ମମତା ତ୍ରିପାଠୀ, ସନ୍ଧ୍ୟା ମହାରଣା, କୁମକୁମ ମିଶ୍ର, କାଦମ୍ବିନୀ ମିଶ୍ର, ରାଜାରାଣୀ ପ୍ରତି ସହଯୋଗ କରିଥିଲେ।

DAYANAND INSTITUTE
Dhanupali, Sambalpur- 768005
Helpline- 8763032588, 9938895475, 9437158817
ADMISSION OPEN
NTT- Regular and Distance Mode
Eligibility- +2 & Above (Only Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA
B.P.A. (+3) - Eligibility- +2 Any Stream
Affiliated to Utkal University of Culture, Recognized by Govt. of Odisha
OFFICE TIME 8AM TO 1PM
Please visit at – dayanandgroupofinstitution.co.in

## ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍ ପୁରସ୍କୃତ

**ସର୍ବଭାରତୀୟସ୍ତରୀୟ ପ୍ରତିଯୋଗିତାରେ ପୁଣି ପ୍ରଶଂସା ସାଉଁଟିଲେ**


ପୁରସ୍କୃତ ହୋଇଥିବା ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍।

**ବଲାଙ୍ଗୀର ଅଫିସ, ୬।୬**

ଛତିଶଗଡ଼ ଏନ୍‌ଭାଇରନ୍‌ମେଣ୍ଟ କଞ୍ଜର୍‌ଭେସନ୍ ବୋର୍ଡ ସହଯୋଗରେ ରାୟପୁର (ଛତିଶଗଡ଼)ରୁ ପ୍ରକାଶିତ ପ୍ରତିଷ୍ଠିତ ମାସିକ କାର୍ଟୁନ୍ ପତ୍ରିକା କାର୍ଟୁନ୍ ୱାଚ୍‌ର ଆବାହକତ୍ୱରେ ଅନୁଷ୍ଠିତ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ଓଡ଼ିଶାର କାର୍ଟୁନିଷ୍ଟ ଭ୍ରାତା ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛି। ବିଶ୍ୱ ପରିବେଶ ଦିବସ-୨୦୨୨ ପାଳନ ଅବସରରେ ଆୟୋଜିତ ଏହି ପ୍ରତିଯୋଗିତା ୟୁଏନ୍‌ଇପିର ଚଳିତବର୍ଷର ବିଷୟବସ୍ତୁ ଓନ୍‌ଲି ୱାନ୍ ଆର୍ଥ ଉପରେ ଆଧାରିତ ଥିଲା। ସମ୍ପ୍ରତି ପୁରସ୍କୃତ ହୋଇଥିବା ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍‌ରେ ମାନବାକୃତ କର୍ମ ଦ୍ୱାରା ଜର୍ଜରିତ ବିଶ୍ୱ ପରିବେଶର ସୁରକ୍ଷା ସମ୍ପର୍କରେ ଏକ ବଳିଷ୍ଠ ଆହ୍ୱାନ ପ୍ରଦାନ କରାଯାଇଛି। ଏକ ଭବ୍ୟ ଉତ୍ସବରେ ରାୟପୁରଠାରେ ପ୍ରତିଯୋଗିତା ସମ୍ପର୍କିତ ଏକ ବ୍ୟଙ୍ଗଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି। ପ୍ରକାଶଯୋଗ୍ୟ, ନିକଟ ଅତୀତରେ ବିଶ୍ୱ କାର୍ଟୁନିଷ୍ଟ ଦିବସ ପାଳନ ଅବସରରେ ଆୟୋଜିତ ଅନ୍ୟ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ମଧ୍ୟ ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ପୁରସ୍କୃତ ତଥା ପ୍ରଦର୍ଶିତ ହେବା ସୌଭାଗ୍ୟ ଲାଭ କରିଥିଲା। ଡୋଗ୍ରୀ ସଂସ୍ଥା ଆନୁକୂଲ୍ୟରେ ଜାମ୍ମୁଠାରେ ପ୍ରଖ୍ୟାତ ସନ୍ତୁର ବାଦକ ପଣ୍ଡିତ ଶିବ କୁମାର ଶର୍ମାଙ୍କ ସ୍ମୃତିରେ ଏବଂ କୋଚିଠାରେ କାର୍ଟୁନ୍ କ୍ଲବ୍ କେରଳ ଦ୍ୱାରା ଆୟୋଜିତ କାର୍ଟୁନ୍ ମେନ୍ ବାଦୁସା ମେମୋରିଆଲ୍ ଇଣ୍ଟରନ୍ୟାଶନାଲ୍ କେରିକେଚର୍ ଏକ୍‌ଜିବିଶନ୍‌ରେ ତାଙ୍କ କୃତି ସ୍ଥାନ ପାଇଥିଲା। ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କାର୍ଟୁନ କରି ଆସୁଥିବା ଓଡ଼ିଶାର ଏହି ଭ୍ରାତୃଦ୍ୱୟ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପ୍ରତିଷ୍ଠିତ। ପୂର୍ବରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇସାରିଥିବା ଅଶ୍ୱିନୀ-ଅବନୀ ଅନେକବାର ଅନ୍ତର୍ଜାତୀୟ ତଥା ଜାତୀୟସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି। ନେଟ୍ ଅଏଲ୍ କାର୍ଟୁନ୍ ପ୍ରତିଯୋଗିତା-ଫ୍ରାନ୍ସ, ଗୁରା ହ୍ୟୁମରୁଲୁଇ-ରୋମାନିଆ, ଡିକାକୋ-ସାଉଥ୍ କୋରିଆ, ସାଲୋନ୍ ଅଫ୍ ଗ୍ରାଫିକ୍ ହ୍ୟୁମର- ପେରୁ, ଏଫ୍‌ସି.ଡବ୍ଲୁ.ଚାଇନା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଇଣ୍ଡିଆନ୍ ଏକ୍ସପ୍ରେସ୍, ଭିଲାଇ ଷ୍ଟିଲ ପ୍ଲାଣ୍ଟ, ହିନ୍ଦୁସ୍ଥାନ୍ ଟାଇମ୍ସ, କାର୍ଟୁନ୍ ୱାଚ୍ ଦ୍ୱାରା ଆୟୋଜିତ ଜାତୀୟ ପ୍ରତିଯୋଗିତା ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ସୂଚନା ଦେଇଛନ୍ତି।

Ministry of Corporate Affairs Government of India
ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ
(ଏକ ସଂସଦ ଅଧିନିୟମ ଦ୍ୱାରା ସ୍ଥାପିତ)
"ଆଜାଦି କା ଅମୃତ ମହୋତ୍ସବର ଅର୍ଥ ହେଉଛି ସ୍ୱାଧୀନତାର ଉର୍ଜାର ଅମୃତ; ସ୍ୱାଧୀନତା ସଂଗ୍ରାମର ଯୋଦ୍ଧାଙ୍କ ପ୍ରେରଣାର ଅମୃତ; ନୂଆ ବିଚାର ଓ ପ୍ରତିଜ୍ଞାଗୁଡ଼ିକର ଅମୃତ; ଏବଂ ଆତ୍ମନିର୍ଭରତାର ଅମୃତ। ଏଥି ପାଇଁ ଏହି ମହୋତ୍ସବ ରାଷ୍ଟ୍ର ଜାଗରଣର ପର୍ବ; ସୁଶାସନ ସ୍ୱପ୍ନକୁ ସାକାର କରିବାର ପର୍ବ; ଏବଂ ବିଶ୍ୱ ଶାନ୍ତି ତଥା ବିକାଶର ପର୍ବ ଅଟେ।"
ଶ୍ରୀ ନରେନ୍ଦ୍ର ମୋଦି, ମାନ୍ୟବର ପ୍ରଧାନମନ୍ତ୍ରୀ
Azadi Ka Amrit Mahotsav
ସ୍ୱାଧୀନତାର ଅମୃତ ମହୋତ୍ସବର ଆୟୋଜନ ହେତୁ
୮ ଜୁନ୍, ୨୦୨୨
ଆଇକନିକ୍ ଦିବସ
ପ୍ରଗତିଶୀଳ ଭାରତର ସାମାଜିକ-ସାଂସ୍କୃତିକ, ରାଜନୈତିକ ଏବଂ ଆର୍ଥିକ ପରିଚୟର ମୂର୍ତ୍ତିମନ୍ତ ରୂପ
ରାଷ୍ଟ୍ର ନିର୍ମାଣର ପ୍ରତିବଦ୍ଧ ଭାଗୀଦାର ରୂପେ ଆଇସିଏଆଇ ଆତ୍ମନିର୍ଭରଶୀଳତାକୁ ସାକାର କରିବାରେ ଜନ-ଭାଗିଦାରିତାର ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ରାଷ୍ଟ୍ରବ୍ୟାପୀ ଅଭିଯାନର ଆୟୋଜନ କରୁଛି।
ଆର୍ଥିକ ଏବଂ ଟିକସ ସାକ୍ଷରତା ଅଭିଯାନ – "ଆର୍ଥିକ ଜ୍ଞାନ ଆଇସିଏଆଇର ଅଭିଯାନ"
ଚିରପୋଷଣକ୍ଷମ ଭାରତ ଅଭିମୁଖେ ଏକ ଅଭିଯାନ – "ସବୁଜିମା ଅଭିମୁଖେ" – ଅଖିଳ ଭାରତୀୟ ଚାରାରୋପଣ
ମେଗା କ୍ୟାରିୟର୍ ପରାମର୍ଶ ଅଭିଯାନ
ସିଏ ଛାତ୍ର ପ୍ରତିଭା ସନ୍ଧାନ
ପ୍ରେରଣା ଅଧିବେଶନ – "ବିଶ୍ୱଗୁରୁ ଭାରତ" ଗଢ଼ିବାରେ ଯୁବବର୍ଗଙ୍କ ଭୂମିକା
ବିତ୍ତ, ଅର୍ଥନୀତି, ଟିକସ ସଚେତନତା ଆଦି ସମ୍ବନ୍ଧୀୟ ବିଭିନ୍ନ ସାମ୍ପ୍ରତିକ ବିଷୟଗୁଡ଼ିକ ଉପରେ ଆଲୋଚନାଚକ୍ର
ଆଇସିଏଆଇ ବିଷୟରେ
- ଏକ ବିଧାୟୀ ବ୍ୟବସ୍ଥାପତ୍ର ମାଧ୍ୟମରେ ୧୯୪୯ରେ ସ୍ଥାପିତ
- କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧୀନରେ କାର୍ଯ୍ୟରତ
- ୧୦ ଲକ୍ଷରୁ ଅଧିକ ସଦସ୍ୟ ଏବଂ ବିଦ୍ୟାର୍ଥୀ
- ୧୬୪ ଶାଖା ଓ ୫ ଆଞ୍ଚଳିକ ପରିଷଦ
- ୪୪ ବୈଦେଶିକ ଚ୍ୟାପ୍ଟର
- ୩୧ ପ୍ରତିନିଧି କାର୍ଯ୍ୟାଳୟ
- ୪୭ ଦେଶର ୭୫ ବୈଶ୍ୱିକ ସହରରେ ଉପସ୍ଥିତି
ଆମକୁ ଫଲୋ କରନ୍ତୁ: Visit www.icai.org
ଦୟାକରି ଯୋଗ ଦିଅନ୍ତୁ: https://live.icai.org/akamiconicday
21ST WORLD CONGRESS OF ACCOUNTANTS 2022 18-21 NOVEMBER MUMBAI INDIA – BUILDING TRUST ENABLING SUSTAINABILITY
DAVP 07108/15/0001/2223

## ପରିବହନ ବିଭାଗ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି, (ଡି.ଏନ.ଏ.): ଡୁଙ୍ଗୁରିପାଲି ଉଚ୍ଚ ବିଦ୍ୟାଳୟରେ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ଯୋଗଦେଇ ରକ୍ଷକ କାର୍ଯ୍ୟକ୍ରମ ଉପରେ ବୁଝାଇ ଥିଲେ। ବିନା ହେଲମେଟରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ଚଳାଇବା, ବାଇକ ଚାଳକ ଓ ବାଇକ ପଛପଟେ ବସିଥିବା ବ୍ୟକ୍ତିଙ୍କୁ ହେଲମେଟ ପିନ୍ଧିବାକୁ କହିଥିଲେ। ଅତିରିକ୍ତ ଜିଲା ପରିବହନ ଅଧିକାରୀ ଦେବାଶିଷ ସାହୁ, ରବିଚନ୍ଦ୍ର ପଶାୟତ, ବୈଶାଖୁ ପ୍ରଧାନ, ଜିଲା ଟ୍ରକ ମାଲିକ ସଂଘ ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିଲେ।



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

**ପଦ୍ମପୁର,୬।୬(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ଆଦର୍ଶ ଥାନା ଅଧୀନ କୁଡ଼ାସିଂହା ଗ୍ରାମରେ ରବିବାର ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଉକ୍ତ ଗ୍ରାମର ଭରତ ବରିହା(୬୦)। ତାଙ୍କ ବିରୋଧରେ ଦଫା ୩୦୨ରେ ଏକ ମାମଲା (ନଂ.୧୩୪/୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପଦ୍ମପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ରବିବାର ସକାଳ ପ୍ରାୟ ୭ଟାରେ ଭରତ ଏବଂ ସ୍ତ୍ରୀ ଚିନାଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଭରତ ଚିନାଙ୍କ ମୁଣ୍ଡକୁ ଇଟାରେ ଆଘାତ କରିଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ପଠାଇବା ସହିତ ହତ୍ୟାକାଣ୍ଡରେ ବ୍ୟବହୃତ ଇଟାକୁ ଜବତ କରିଥିଲା। ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ରାଜେନ୍ଦ୍ର ସିଆଲ ସୂଚନା ଦେଇଛନ୍ତି।

### ବରିକେଲ ଚାଷୀଙ୍କ ସମବାୟ ନିର୍ବାଚନ ବର୍ଜନ

**ପଦ୍ମପୁର, ୬।୬ ( ଡି.ଏନ.ଏ.):** ଜୁନ୍ ୨୬ରେ ହେବାକୁ ଥିବା ସମବାୟ ନିର୍ବାଚନକୁ ବର୍ଜନ କରିବା ପାଇଁ ବରଗଡ଼ ଜିଲା ପଦ୍ମପୁର ବ୍ଲକ ବରିକେଲ ପ୍ରାଥମିକ କୃଷି ସମବାୟ ସମିତିର ସଦସ୍ୟମାନେ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ସୋମବାର ନାମାଙ୍କନ ପତ୍ର ଦାଖଲ ତାରିଖ ଥିବାରୁ ଚାଷୀମାନେ ଏହାକୁ ବିରୋଧ କରିଥିଲେ। ଫଳରେ କେହି ନାମାଙ୍କନପତ୍ର ନେଇ ନ ଥିବା ସମବାୟ ନିର୍ବାଚନ ଅଧିକାରୀ ଚିତ୍ତରଞ୍ଜନ ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ସମବାୟ ସମିତିରେ ବରିକେଲ, ଖଲିଆପାଲି, ଦହିତା ଗ୍ରାମପଞ୍ଚାୟତର ୨୨୭୭ ଜଣ ସଦସ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରେ ୩୩୬ ଜଣ ଭୋଟର ଥିବା ଜଣାପଡିଛି।

### ସରିଲା ତରଭା ଶୀତଳଷଷ୍ଠୀ ଯାତ୍ରା

**ତରଭା, ୬।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭା ନୀଳକଣ୍ଠେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ତଥା ଶୀତଳଷଷ୍ଠୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତରଭା ସୁନାରିପଡାର ଅଶୋକ ସାହୁ ଓ ଜୟନ୍ତୀ ସାହୁ କନ୍ୟା ମାତାପିତା ଓ ବର ମାତାପିତାଭାବେ ଅମର ଚୋହାନ ଓ ସୁପ୍ରଭା ଚୌହାନ ଦାୟିତ୍ୱ ତୁଲାଉଥିଲେ। ରବିବାର ରାତିରେ ନବଦମ୍ପତି ଦେବଦେବ ମହାଦେବ ଓ ମାତା ପାର୍ବତୀ ସୁନାରିପଡା ରାଧାକୃଷ୍ଣ ମନ୍ଦିରରୁ ବିରାଟ ପଟୁଆରରେ ବାହାରି ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ପହଞ୍ଚିଥିଲେ। ପରେ ବର ମାତାପିତା ରୀତିନୀତି ଅନୁସାରେ ନବ ଦମ୍ପତିଙ୍କୁ ମନ୍ଦିରକୁ ପାଛୋଟି ନେଇଥିଲେ। ଏହି କାର୍ଯ୍ୟକ୍ରମ ରବିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ସୋମବାର ସକାଳୁ ଯୁଗଳ ମୂର୍ତ୍ତି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମନ୍ଦିର କମିଟିର ସନ୍ତୋଷ ସାହୁ, ସଂଶିତ ସାହୁ, ଗୁଞ୍ଜୁରୁ ଗୁରୁ, ଶଙ୍କର ସାହୁ, ଜନାର୍ଦ୍ଦନ ଥାନାପତି, ଶିବୁ ଷଡ଼ଙ୍ଗୀ ପ୍ରମୁଖ ପରିଚାଳନା କରିଥିଲେ।

### ମାହେଶ୍ୱରୀ ସଂଗଠନକୁ ପ୍ରକୃତି ମିତ୍ର ପୁରସ୍କାର

**ତରଭା, ୬।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀ ସଂଗଠନକୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ସଂଗଠନକୁ ଏକ ମାନପତ୍ର ସହ ୨୦ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ସମାରୋହରେ ଅନୁଷ୍ଠାନ ତରଫରୁ ପ୍ରଦୀପ ମେହେର ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ମୋନା ଶର୍ମାଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ସଂଗଠନ ମୁଖ୍ୟ ଅଙ୍କୁଶ ପାଣ୍ଡିଆ ସମସ୍ତ ସଦସ୍ୟ ଓ ଜଙ୍ଗଲ ଓ ପରିବେଶ ବିଭାଗକୁ କୃତଜ୍ଞତା ଜଣାଇଛନ୍ତି।

# ଶିଶୁ ସୁରକ୍ଷା, ବାଲ୍ୟ ବିବାହ ନିରାକରଣ ଚିନ୍ତା

- ସରପଞ୍ଚଙ୍କ ସହ ଆଲୋଚନା କଲା ପ୍ରଶାସନ
- ବାଲ୍ୟ ବିବାହ ହେଉନାହିଁ ବୋଲି ପ୍ରମାଣପତ୍ର ପ୍ରଦାନ ଦିଅନ୍ତୁ ସରପଞ୍ଚ: ଜିଲାପାଳ

**ସୋନପୁର,୬।୬(ନି. ପ୍ର )**



ବୈଠକରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଲୋକ ପ୍ରତିନିଧି।

ସୁବର୍ଣ୍ଣପୁର ଜିଲାରେ ବାଲ୍ୟ ବିବାହ ଓ କିଶୋରୀ ମାତୃତ୍ୱକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଅଣ୍ଟା ଭିଡିଛି ପ୍ରଶାସନ। ଏ କ୍ଷେତ୍ରରେ ସ୍ଥାନୀୟ ଜନପ୍ରତିନିଧି ଓ ସରପଞ୍ଚମାନଙ୍କ ସହଯୋଗ ଲୋଡା। ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିରାକରଣ ନିମନ୍ତେ ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ସୋମବାର ବ୍ଲକର ସମସ୍ତ ସରପଞ୍ଚଙ୍କ ସହ ଏକ ବୈଠକ କରିଥିଲା ପ୍ରଶାସନ। ବ୍ଲକ ଓ ସୁବର୍ଣ୍ଣପୁର ଜିଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ବୈଠକରେ ଜିଲାପାଳ ଅବୋଲି ସୁନୀଲ ନରୱଣେ ଅଧକ୍ଷତା କରିଥିଲେ। ଜିଲାପାଳ ବ୍ଲକସ୍ତରରେ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ସମ୍ପର୍କରେ ସରପଞ୍ଚମାନଙ୍କ ସହ ଆଲୋଚନା କରିଥିଲେ। ବାଲ୍ୟ ବିବାହ ଓ କିଶୋରୀ ମାତୃତ୍ୱକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଅଧାରୁ ପାଠ ଛାଡିଥିବା କିଶୋରୀ କିଶୋରଙ୍କୁ କିପରି ପୁନର୍ବାର ବିଦ୍ୟାଳୟକୁ ଫେରାଇ ଅଣାଯିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବାଲ୍ୟ ବିବାହ ତଥା କିଶୋରୀ ମାତୃତ୍ୱକୁ ଗୁରୁତ୍ୱାରୋପ ପୂର୍ବକ ସରପଞ୍ଚମାନେ ନିଜ ପଞ୍ଚାୟତସ୍ତରରେ ସଚେତନତା କରିବେ। ପ୍ରତି ମାସ ନିଜ ପଞ୍ଚାୟତରେ କୌଣସି ବାଲ୍ୟ ବିବାହ ହେଉନାହିଁ ବୋଲି ପ୍ରମାଣପତ୍ର ପ୍ରଦାନ କରିବାକୁ ଜିଲାପାଳ ସରପଞ୍ଚମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ମହତ କାର୍ଯ୍ୟରେ ସମସ୍ତେ ଆନ୍ତରିକତାର ସହ ସହଯୋଗ କରିବାକୁ ଜିଲାପାଳ ଓ ଏସ୍‌ପି ଅମରେଶ କୁମାର ପଣ୍ଡା ଅନୁରୋଧ କରିଥିଲେ। ଏସ୍‌ପି ପଣ୍ଡା ବାଲ୍ୟ ବିବାହର ଆଇନଗତ ଦିଗ ଓ ଶିଶୁ ଯୌନ ନିର୍ଯାତନା ଅଧୀନରେ ଆସୁଥିବା ଦଣ୍ଡ ବିଧାନ ଉପରେ ଆଲୋକପାତ କରିଥିଲେ। ସରପଞ୍ଚମାନଙ୍କ ସହଯୋଗରେ ପ୍ରଶାସନ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ବନ୍ଦ କରିପାରିବ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧକ୍ଷା ଅହଲ୍ୟା ସାହୁ, ବିଡିଓ ତ୍ରିପୁର ମହାନନ୍ଦ, ଜିଲା ସମାଜ କଲ୍ୟାଣ ଅଧିକାରୀ ଗୌରମଣୀ ହାଁସଦା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ସିଡିପିଓ ଜୟନ୍ତୀ ଗଡତିଆ ଉପସ୍ଥିତ ଥିଲେ।

# ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି


ଜିଲାପାଳ, ଏସ୍‌ପି ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

**ଡୁଙ୍ଗୁରିପାଲ, ୬।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲୀ ସୁନିଲ ନରୱଣେ, ଏସ୍‌ପି ଅମରେଶ ପଣ୍ଡା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ୭୦ ପଞ୍ଜୀକୃତ ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ୬୬ ଓ ସାମୂହିକ ଅଭିଯୋଗ ୪ଟି ରହିଥିଲା। ଶିବିରରେ ୨୬ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟାନ୍ୟ ୪୪ ଅଭିଯୋଗ ସମ୍ବଳିତ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ତ୍ରିପୁରା ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡୋଳାମଣି ପଟେଲ, ବ୍ଲକ ଅଧକ୍ଷା ଅହଲ୍ୟା ସାହୁ, ଡୁଙ୍ଗୁରିପାଲି ବ୍ଲକ ଉପାଧକ୍ଷ ମକରଧ୍ୱଜ ସାହୁ, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକସ୍ତରୀୟ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

# ୫-ଟି ସ୍କୁଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ବରଗଡ଼ ଅଫିସ୍,୬।୬**



ସ୍କୁଲ ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଜିଲାରେ ୫-ଟି ସ୍କୁଲ ରୂପାନ୍ତରଣ ପ୍ରକ୍ରିୟାରେ ନିର୍ମିତ ୯୦ ହାଇସ୍କୁଲକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍ ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ଉକ୍ତ ହାଇସ୍କୁଲଗୁଡ଼ିକ ମଧ୍ୟରେ ଅତାବିରା ନିର୍ବାଚନ ମଣ୍ଡଳୀର ୨୮, ବରଗଡ଼ ନିର୍ବାଚନ ମଣ୍ଡଳୀର ୧୩, ପଦ୍ମପୁର ନିର୍ବାଚନ ମଣ୍ଡଳୀର ୨୭, ଭଟଲି ନିର୍ବାଚନ ମଣ୍ଡଳୀର ୨୧ ଏବଂ ବିଜେପୁର ନିର୍ବାଚନ ମଣ୍ଡଳୀର ଗୋଟିଏ ହାଇସ୍କୁଲ ରହିଛି। ଏହି ଅବସରରେ ବରଗଡ଼ ଜର୍ଜ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଗଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଜିଲାପାଳ ମୋନିଷା ବାନାର୍ଜୀ, ଛାତ୍ରୀ ପରିଣୀତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବରଗଡ଼ ପୌରାଧ୍ୟକ୍ଷ କଳ୍ପନା ମାଝି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ, ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ଜିଲା ଶିକ୍ଷାଧିକାର ଜ୍ୟୋତିକାନ୍ତ ସାହୁଙ୍କ ସମେତ ବହୁ ପଦାଧିକାରୀ, ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକ, ଛାତ୍ରୀଛାତ୍ର, ଶିକ୍ଷାବିତ୍ ଉପସ୍ଥିତ ଥିଲେ।

**ପଦ୍ମପୁର,(ଡି.ଏନ.ଏ.):** ପଦ୍ମପୁର ଉପଖଣ୍ଡ ଲଖମରା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ୫-ଟି ଯୋଜନାରେ ରୂପାନ୍ତରିତ ହୋଇଛି। ଲୋକାର୍ପଣ ସମୟରେ ପ୍ରଧାନ ଶିକ୍ଷକ ବିନୋଦ ସାହୁ, କୃଷ୍ଣଚନ୍ଦ୍ର ହୋତା, ବ୍ରଜ କିଶୋର ଭିଲ, ମୋ ସ୍କୁଲ ଅଭିଯାନ ସଭାପତି ରମାକାନ୍ତ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିବିକ୍ରମ ନାଏକ, ଜିଲା ପରିଷଦ ସଦସ୍ୟା ବାସନ୍ତୀ ବାଲମ, ସରପଞ୍ଚ ସୁବାଷ ଝଗରା, ସିଆରସିସି ସୁବାଷ ସାହୁ, ଶିବ ପ୍ରସାଦ ଯୋଷୀ, ନାରାୟଣ ବେହେରାଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ମେଲଛାମୁଣ୍ଡା ପ୍ୟାକ୍ସ: ୨ ଡାଇରେକ୍ଟର ନିର୍ଦ୍ୱନ୍ଦ୍ୱ

**ପଦ୍ମପୁର ୬।୬ ( ଡିଏନଏ)**

ବରଗଡ଼ ଜିଲା ମେଲଛାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା କମିଟି ପାଇଁ ଆସନ୍ତା ୧୯ତାରିଖରେ ନିର୍ବାଚନ ହେବ। ତେବେ ଏହାପୂର୍ବରୁ ୨ଜଣ ଡାଇରେକ୍ଟର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୂଚନା ଅନୁସାରେ, ୪ ନଂ. ନିର୍ବାଚନ ମଣ୍ଡଳୀରୁ ପ୍ରାଥମିକ କୃଷି ସମବାୟ ସମିତିର ପୂର୍ବତନ ସଭାପତି ଚକ୍ରଧର ସାହୁ ଓ ସୋମନାଥ ସାହୁ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତେବେ ଚକ୍ରଧର ସାହୁଙ୍କ ନାମାଙ୍କନପତ୍ର ନାକଚ ହେବାରୁ ସୋମନାଥ ସାହୁଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ସେହିପରି ୧୫ ନଂ. ନିର୍ବାଚନ ମଣ୍ଡଳୀରୁ ପଲସାପାଲି ଗ୍ରାମର ଭାସ୍କର ଭୁଏ ଓ ଦ. ନୂଆପାଲିର ଲେକ୍ଟୁ ବରିହା ନାମାଙ୍କନପତ୍ର ଦାଖଲ କରିଥିଲେ। ଲେକ୍ଟୁ ବରିହା ନାମାଙ୍କନ ପତ୍ର ପ୍ରତ୍ୟାହାର କରିବାରୁ ଭାସ୍କର ଭୁଏ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅନ୍ୟ ୧୩ଟି ଆସନ ପାଇଁ ନିର୍ବାଚନ କରାଯିବ ବୋଲି ଜଣାପଡିଛି।

## ୧୦ପାକ୍ସରେ ପ୍ରାର୍ଥିପତ୍ର ଦାଖଲ ସରିଲା

**ବିନିକା,୬।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଥିବା ୧୦ଟି ପାକ୍ସରେ ଜୁନ୍ ୨୬ରେ ହେବ ନିର୍ବାଚନ। ସମବାୟ ନିର୍ଦ୍ଦେଶକ ନିର୍ବାଚିତ ହେବା ପରେ କିଭଳି ସଭାପତି ପଦ ହାତେଇ ହେବ ସେନେଇ ରାଜନୈତିକ ଦଳ ପକ୍ଷରୁ ଏବେ ଚାଲିଛି ଗୋଟିଚାଳନା। ସୋମବାର ବିନିକାର ୧୦ଟି ପାକ୍ସରେ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ସରିଛି। ବିନିକା ପାକ୍ସରୁ ୨୫ଟି ନାମାଙ୍କନ ପତ୍ର କ୍ରୟ ହୋଇଥିବାବେଳେ ୧୫ନାମାଙ୍କନ ପତ୍ର ଦାଖଲ ହୋଇଛି। ୧୦ଆସନରେ ପ୍ରତିଦ୍ୱନ୍ଦ୍ୱିତା, ୫ନିର୍ଦ୍ୱନ୍ଦ୍ୱ ରହିଛି। ବାଙ୍କିଘିଡରେ ୮ ଆସନରେ ପ୍ରତିଦ୍ୱନ୍ଦ୍ୱିତା, ୭ ଆସନ ଅପ୍ରତିଦ୍ୱନ୍ଦ୍ୱୀ, ସେଲେଡିରେ ୧୩ ଆସନରୁ ୭ରେ ପ୍ରତିଦ୍ୱନ୍ଦ୍ୱିତା ଓ ୬ଆସନ ଅପ୍ରତିଦ୍ୱନ୍ଦ୍ୱୀ ରହିବ। ସିଲାଟିରେ କେତୋଟି ଅପ୍ରତିଦ୍ୱନ୍ଦ୍ୱୀ ଓ କେଉଁ ଆସନରେ ଲଢେଇ ହେବ ଜଣା ପଡିନାହିଁ। ସିଂଘିଯୁବା ପାକ୍ସରେ ୯ ଆସନରେ ଲଢେଇ, ୬ ଆସନରେ ନିର୍ଦ୍ଦେଶକ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ମହଦାରେ ୪ନିର୍ଦ୍ଦେଶକ ପଦ ଅପ୍ରତିଦ୍ୱନ୍ଦ୍ୱୀ,ଗୋଟିଏ ଆସନ ଖାଲି ପଡିଥିବା ବେଳେ ବାକି ଆସନରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଚରଦା ପାକ୍ସରେ ୧୨ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା ହେବ। ୩ ଆସନ ନିର୍ଦ୍ୱନ୍ଦ୍ୱ ନିର୍ବାଚିତ ହେବା ନିଶ୍ଚିତ। ଶଙ୍କରା ପାକ୍ସର ସମୁଦାୟ ୧୧ଟି ଆସନ ଅପ୍ରତିଦ୍ୱନ୍ଦ୍ୱୀ ରହିଛି। ସିନ୍ଧୁରପୁର ପାକ୍ସର ତଥ୍ୟ ମିଳିପାରିଲା ନାହିଁ।

## ଥାଇବକ୍ସିଂ ଚାମ୍ପିୟନଶିପରେ ବୌଦ୍ଧ ଖେଳାଳିଙ୍କ କୃତିତ୍ୱ


କୃତୀ ପ୍ରତିଯୋଗୀଙ୍କୁ ବୌଦ୍ଧରେ ସମ୍ବର୍ଦ୍ଧନା ଦିଆଯାଉଛି।

**ବୌଦ୍ଧ,୬।୬(ସ୍ୱ.ପ୍ର.)**

ଅଲମ୍ପିକ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୦ମ ଓଡ଼ିଶା ଥାଇବକ୍ସିଂ ଚାମ୍ପିୟନଶିପରେ ବୌଦ୍ଧ ଆର୍ଟ ଟେମ୍ପୁଲ ମାର୍ଶଲ ଆର୍ଟ ଆସୋସିଏଶନର ଖେଳାଳିମାନେ କୃତୀତ୍ୱ ହାସଲ କରିଛନ୍ତି। ବରଗଡ଼ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବୌଦ୍ଧ ଆର୍ଟ ଟେମ୍ପୁଲର ପ୍ରଶିକ୍ଷକ ସୁଧୀର କୁମାର ବାରିକ୍‌ଙ୍କ ନେତୃତ୍ୱରେ ୬ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବୌଦ୍ଧର ହିମାଂଶୁ ମେହେର, ଦେବେଶ ରାଜୁ, ନିହାର ରଞ୍ଜନ ସେଠୀ ଓ କରିସ୍ମା ବେହେରା ସ୍ୱର୍ଣ୍ଣପଦକ ହାସଲ କରିଥିବାବେଳେ ସ୍ୱସ୍ତିକ କୁମାର ମେହେର ଓ ପ୍ରିୟମ ପଟ୍ଟନାୟକ ରୌପ୍ୟପଦକ ହାସଲ କରିଥିଲେ। ଏଥିସହିତ ବୌଦ୍ଧର ଦିଲ୍ଲୀପ କୁମାର ବେହେରା ଓ ଦିବ୍ୟଶଙ୍କର ମିଶ୍ର ପ୍ରତିଯୋଗିତା ପରିଚାଳନାରେ ସହଯୋଗୀ ଭାବରେ କାର୍ଯ୍ୟକରି ଅଫିସିଆଲ ପଦକ ହାସଲ କରିଥିଲେ। ପ୍ରଶିକ୍ଷକ ସୁଧିର କୁମାର ବାରିକ୍‌ଙ୍କୁ ମ୍ୟାଚ ରେଫରୀ ଭାବରେ ପଦକ ପ୍ରଦାନ କରାଯାଇଥିଲା। ସୋମବାର ଏହି କୃତୀ ଖେଳାଳିମାନେ ବୌଦ୍ଧରେ ପହଞ୍ଚିବା ପରେ ଅଭିଭାବକ ଅଭିଭାବିକା ଓ ସ୍ଥାନୀୟ ଖେଳାଳୀ, ସଙ୍ଗଠନର କର୍ମକର୍ତ୍ତାମାନେ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସ୍ୱର୍ଣ୍ଣପଦକ ହାସଲ କରିଥିବା ଖେଳାଳିମାନେ ଆଗାମୀ ଜାତୀୟ ଥାଇ ବକ୍ସିଂ ପ୍ରତିଯୋଗିତାରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ ବୋଲି ଜଣାପଡିଛି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସର୍ଗୀପାଲି ଗ୍ରାମବାସୀ ଗଣଧାରଣା ଦେଇଛନ୍ତି।

**ବୌଦ୍ଧ,୬।୬ (ସ୍ୱ.ପ୍ର)**

### ରାସ୍ତା କାମରେ ଦୁର୍ନୀତି ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ହେଲାନି

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ସର୍ଗୀପାଲି ଗ୍ରାମ ରାସ୍ତାରେ ଦୁର୍ନୀତି ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ଫଳରେ ଗ୍ରାମବାସୀ କାର୍ଯ୍ୟାନୁଷ୍ଠାନ ଦାବିକରି ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ କଣ୍ଟାମାଳ ପଞ୍ଚାୟତର ସର୍ଗୀପାଲି ମୌଜାରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସର୍ଗୀପାଲି ଠାରୁ ବାନ୍ଧପାଲି ରାସ୍ତାରେ ଜିଆଇ ମେଟାଲିଂ ରାସ୍ତା କାମ ହୋଇଛି। କିନ୍ତୁ ଉକ୍ତ ରାସ୍ତା କାମରେ ଦୁଇଜଣ ଅଧିକାରୀ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ନେଇ ଗ୍ରାମବାସୀ ଜିଲାପାଳଙ୍କ ପାଖରେ ଦୀର୍ଘ ୧୫ ଦିନ ହେବ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଜିଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବାକୁ ପ୍ରତିଶୃତି ଦେଇଥିବା ଗ୍ରାମବାସୀ କହିଛନ୍ତି। କିନ୍ତୁ ଅଭିଯୋଗ ପରେ ୧୫ ଦିନ ବିତିଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯାଇଥିବାରୁ ସୋମବାର ଗ୍ରାମବାସୀ ଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣଭାବେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

## ପ୍ରତାପପୁର ଉପ୍ରା ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

**ସୋନପୁର, ୬।୬(ନି.ପ୍ର.)**

ସୋନପୁର ବ୍ଲକ ପ୍ରତାପପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୨୦୨୨ ବର୍ଷ ପାଇଁ ପ୍ରକୃତି ମିତ୍ର ପୁରସ୍କାର ଲାଭ କରିଛି। ରବିବାର ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପଠାରେ ବିଶ୍ୱ ପରିବେଶ ଦିବସ ଅବସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ନନ୍ଦ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମାଙ୍କଠାରୁ ପ୍ରମାଣପତ୍ର ସହ ପୁରସ୍କାର ବାବଦକୁ ୨୦,୦୦୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ, ସମସ୍ତ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସମସ୍ତ ସଭ୍ୟାସଭ୍ୟଙ୍କ ମିଳିତ ପ୍ରଚେଷ୍ଟାରେ ବିଦ୍ୟାଳୟରେ ଏକ ସୁନ୍ଦର ପରିବେଶ ସୃଷ୍ଟି ହୋଇପାରିଛି। ପରିବେଶ ସୁରକ୍ଷା କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ଆଗରୁ ମଧ୍ୟ ଅନେକ କାର୍ଯ୍ୟ କରି ପୁରସ୍କାର ପାଇସାରିଛି।

# ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ବୌଦ୍ଧ,୬।୬(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ବ୍ଲକ ପରିସରରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ଆରକ୍ଷୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଥିଲା। ସମୁଦାୟ ୮୪ ଗୋଟି ଆପତ୍ତି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୭୭ ବ୍ୟକ୍ତିଗତ, ୭ଟି ସାମୂହିକ ଥିଲା। ୩୧ଟି ଅଭିଯୋଗକୁ ଫଇସଲା କରାଯାଇଥିବା ବେଳେ ୯ଟି ଅଭିଯୋଗ ଅନୁଧ୍ୟାନ କରି ତୁରନ୍ତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଯୋଗାଇ ଦିଆଯାଇଥିଲା। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱନୀ କୁମାର ମେହେର, ଉପଜିଲାପାଳ ସନତ କୁମାର ନାଏକ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶିବିରକୁ ଜିଲା ଜରୁରୀକାଳିନ ଅଧିକାରୀ ଅବନୀକାନ୍ତ ସାହୁ ଓ ହରଭଙ୍ଗା ବିଡିଓ ସ୍ମିତା ରଥ ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗିତାକାନ୍ତି ବଳିୟାରସିଂହ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣିରେ ଯୋଗଦେଇଥିବା ଅଭିଯୋଗକାରୀ।

### ସରିଲା ଶୀତଳ ଷଷ୍ଠୀ ଯାତ୍ରା

# ମନ୍ଦିରକୁ ଫେରିଲେ ଦେବ ଦମ୍ପତି

**ସୋନପୁର,୬।୬(ନି.ପ୍ର.)**

ସୁବର୍ଣ୍ଣପୁରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ସୋମବାର ଶେଷ ହୋଇଛି। ଶିବ ପାର୍ବତୀଙ୍କ ଲୌକିକ ବିବାହ, ଯୁଗଳ ଦର୍ଶନ ଓ ନଗର ପରିକ୍ରମା ପରେ ସ୍ୱ ମନ୍ଦିରକୁ ଫେରିଛନ୍ତି ଦେବ ଦମ୍ପତି। ସରକାରଙ୍କ କୋଭିଡ୍ କଟକଣା ହଟି ଥିବାରୁ ଲୋକ ସଂସ୍କୃତି ଓ ଆଧାତ୍ମିକ ପର୍ବ ଶୀତଳଷଷ୍ଠୀ ପାରମ୍ପରିକ ରୀତିନୀତିରେ ଆଡମ୍ବର ଭାବେ ସମ୍ପନ୍ନ ହୋଇଛି। ସୁବର୍ଣ୍ଣପୁରର ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ସହିତ ଦେବୀ ପାର୍ବତୀଙ୍କ ବିବାହ ହୋଇଥିଲା। ଶନିବାର ରାତିରେ ନିଳାଦ୍ରୀ ବିହାର(ଭଗବତୀପ୍ଲଟ)ରେ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ପରେ ସ୍ଥାନୀୟ ମଣ୍ଡପରେ ଶ୍ରଦ୍ଧାଳୁ ମାନେ ଦେବଦମ୍ପତିଙ୍କ ଯୁଗଳ ଦର୍ଶନ କରିଥିଲେ। ସୋମବାର ଭୋରରୁ ଦେବ ଦମ୍ପତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଆଡମ୍ବର ସହକାରେ ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କୁ କୈଳାଶପୁରୀ(ବଡବଜାର) ସ୍ଥିତ ବର ପିତା ସନ୍ତୋଷ କୁମାର ମେହେରଙ୍କ ବାସ ଭବନକୁ ନିଆ ଯାଇଥିଲା। ରୀନିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ଦେବ ଦମ୍ପତିଙ୍କ ସ୍ୱମନ୍ଦିର ଅଭିମୁଖେ ଯାତ୍ରା ସମୟରେ ସଂକୀର୍ତ୍ତନ୍ୟ, ଘଣ୍ଟବାଦ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ ଓ ସେବାୟତ ଏଥିରେ ସାମିଲ ହୋଇଥିଲେ। ଯାତ୍ରା ଅବସରରେ ୧୦୮ ଭରି ବିଶିଷ୍ଟ ସୁନା ନଗ ପ୍ରତିମା ବର ବେଶରେ ରୂପା ବିମାନରେ ବିଜେ ହୋଇଥିଲେ। ଆକର୍ଷଣୀୟ ମେଢରେ ସଜ୍ଜିତ ଦେବ ଦମ୍ପତିଙ୍କ ଶୋଭାରାଜି ଭକ୍ତଙ୍କ ମନ ମୋହିଥିଲା। ସୋନପୁରର ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଶମ୍ଭୁ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରା ଯିବା ବାଟରେ ମହିଳା ଓ ପୁରୁଷ ମାନେ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରି ଦେବ ଦମ୍ପତିଙ୍କୁ ବନ୍ଦାଣ କରିବା ସହ ଭୋଗ ଲଗାଇ ଥିଲେ। ଶାସ୍ତ୍ରାନୁସାରେ ଦେବ ଦମ୍ପତିଙ୍କ ଏହି ଅପୂର୍ବ ବେଶ ଦେଖିଲେ ଅଭିଶପ୍ତ ଜୀବନରୁ ମୁକ୍ତି ମିଳେ ବୋଲି ଲୋକ ବିଶ୍ୱାସ ରହିଛି। ଶୋଭାଯାତ୍ରା ସହର ପରିକ୍ରମା କରୁଥିବା ସମୟରେ ସ୍ୱେଚ୍ଛାସେବୀ ମାନେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କୁ ଥଣ୍ଡା ପାନୀୟ ଜଳ ଓ ସରବତ ବିତରଣ କରିଥିଲେ। ଚନ୍ଦ୍ରଶେଖରଙ୍କ ମନ୍ଦିରରେ ଦେବ ଦମ୍ପତି, ଅଷ୍ଟଶମ୍ଭୁ ଓ ଅଷ୍ଟବିଷ୍ଣୁ ପହଞ୍ଚିବା ପରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ସନ୍ଧ୍ୟାରେ ଦେବ ଦମ୍ପତି, ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଶମ୍ଭୁ ଚନ୍ଦ୍ର ଶେଖର ମନ୍ଦିରରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶୀତଳ ଷଷ୍ଠୀ ଯାତ୍ରା କମିଟି, ପୋଲିସ ପ୍ରଶାସନ ଓ ଦୋବୋତ୍ତର ବିଭାଗ ପକ୍ଷରୁ ଚଳିତ ବର୍ଷ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରା ଯାଇଥିଲା। ମଙ୍ଗଳବାର ସୁନାର ନାଗ ଓ ଅଳଙ୍କାର ଟ୍ରେଜେରୀକୁ ଫେରସ୍ତ କରାଯିବ ବୋଲି ଜଣାପଡିଛି।


ଶିବ ପାର୍ବତୀ ପ୍ରତ୍ୟାବର୍ତ୍ତନ କରୁଛନ୍ତି।

## ବ୍ଲକର ୭ ସ୍ମାର୍ଟ ସ୍କୁଲ ଲୋକାର୍ପିତ

କୋକସରା,(ଡି.ଏନ.ଏ.): ୫-ଟି ମୋ ସରକାର ଯୋଜନାରେ ବଦଳୁଛି ସ୍କୁଲ ରୂପରେଖ। ମୋ ସ୍କୁଲ ଅଭିଯାନରେ ସାମିଲ ହୋଇ ଅତ୍ୟାଧୁନିକ ହୋଇଛି ସରକାରୀ ସ୍କୁଲ। ଏହିକ୍ରମରେ ସୋମବାର କଳାହାଣ୍ଡି ଜିଲାର ୧୦୦ଟି ସ୍ମାର୍ଟ ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଲୋକାର୍ପଣ କରିଛନ୍ତି। ଏଥିରେ କୋକସରା ବ୍ଲକର ଡହଗାଁ, କେନ୍ଦୁଡଙ୍ଗରୀ, ଆମପାଣି, ଡଙ୍ଗରୀଗୁଡା, ନେଗୀଗୁଡା, ଖୁଣ୍ଟିଆ ସମେତ ବଙ୍ଗେମୁଣ୍ଡା ଆଦର୍ଶ ବିଦ୍ୟାଳୟକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଲୋକର୍ପଣ ପରେ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଅଗଷ୍ଟ ୯ରୁ ବଲାଙ୍ଗୀର କ୍ରାନ୍ତି ଦିବସ ଉତ୍ସବ

**ବଲାଙ୍ଗୀର ଅଫିସ, ୬।୬**

- ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ପ୍ରଦର୍ଶନ କରାଯିବ
- ୯ ସେପ୍ଟେମ୍ବରରେ ହେବ କ୍ରାନ୍ତି ଯାତ୍ରା
- ଚୂଡାପାଲିରେ ସ୍ଥାପନ ହେବ ସ୍ୱାଧୀନତା ସଂଗ୍ରାମୀ ସ୍ତମ୍ଭ
- ମାସ ବ୍ୟାପୀ ଅନୁଷ୍ଠିତ ହେବ କ୍ରାନ୍ତି ଦିବସ ଉତ୍ସବ

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବଲାଙ୍ଗୀର ଜିଲାର ଦିବଙ୍ଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ ଏବଂ ସମ୍ମାନ ପ୍ରଦର୍ଶନ ସକାଶେ ଆସନ୍ତା ଅଗଷ୍ଟ ୯ରୁ ସେପ୍ଟେମ୍ବର ୯ ଏକମାସଧରି ବଲାଙ୍ଗୀର କ୍ରାନ୍ତି ଦିବସ ଉତ୍ସବ ପାଳନ କରାଯିବ। ବଲାଙ୍ଗୀରର ବିଭିନ୍ନ ବୈଚାରିକ, ସାମାଜିକ, ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦସ୍ୟଙ୍କୁ ନେଇ କ୍ରାନ୍ତି ଦିବସ କମିଟି ଗଠନ କରାଯାଇ ଏସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। କ୍ରାନ୍ତି ଦିବସ କମିଟି ସଭାପତି ଐତିହାସିକ ପ୍ରଫେସର ଡ. ଶିବପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ବୈଠକରେ ଜିଲାର ସ୍ୱାଧୀନତା ସଂଗ୍ରାମଙ୍କ ସ୍ମୃତିଚାରଣ ଏବଂ ସମ୍ମାନ ପ୍ରଦର୍ଶନ କରାଯିବ।

ବ୍ରିଟିଶରାଜ୍ ବିରୋଧରେ ଐତିହାସିକ ସିପାହୀ ବିଦ୍ରୋହରେ ଓଡିଶାର କନ୍ଧମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ କଳାହାଣ୍ଡି ଓ ପୂର୍ବତନ ପାଟଣା (ଅଧୁନାତନ ବଲାଙ୍ଗୀର ଜିଲା)ର କନ୍ଧମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଘୁମସର କନ୍ଧ ବିଦ୍ରୋହର ଅଗ୍ରଣୀ ସେନାନୀ ଚକରା ବିଶୋଇଙ୍କ ସହ ବଲାଙ୍ଗୀର ଜିଲା ଆଟଗାଁ ଜମିଦାର ଧରମ ସିଂ ମାଝି ମାନ୍ଧତାଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଉପନିବେଶବାଦ୍ ଓ ସାମ୍ରାଜ୍ୟବାଦ୍, ଶୋଷଣ, କଷଣ ବିରୋଧରେ ବଲାଙ୍ଗୀର-ପାଟଣାରେ ଅନେକ ସ୍ୱାଧୀନତା ସଂଗ୍ରାମୀ ବିଭିନ୍ନ ସମୟରେ ସକ୍ରିୟ ଯୋଗଦାନ କରିଥିଲେ। ୧୯୩୮ ସେପ୍ଟେମ୍ବରରେ ବଲାଙ୍ଗୀରରେ ବିଶାଳ କୃଷକ ସମାବେଶ ଏହି ପର୍ଯ୍ୟାୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଘଟଣାକ୍ରମ। ଏହାସତ୍ତ୍ୱେ ବଲାଙ୍ଗୀର ଜିଲାର ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କୁ ଉଚିତ୍ ମର୍ଯ୍ୟାଦା ମିଳିନାହିଁ। ସ୍ୱାଧୀନତା ସଂଗ୍ରାମର ଏହି ଅନାଲୋଚିତ ଅଧ୍ୟାୟ, ଐତିହାସିକ ଘଟଣାକ୍ରମକୁ ପୁଣି ଥରେ ଉଜାଗର କରିବା ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଗାମୀ ଅଗଷ୍ଟ ୯ରୁ ଏକମାସ ବ୍ୟାପୀ ବଲାଙ୍ଗୀର ଓ ଚୂଡାପାଲିରେ କାନ୍ତି ଦିବସ ଉତ୍ସବ ପାଳନ କରାଯିବ। ଅଗଷ୍ଟ ୯ ତାରିଖ ବଲାଙ୍ଗୀର ସହରରେ ଏକ ବିଶାଳ ବାଇକ ରାଲି କରାଯିବ। ସହରର ବିଭିନ୍ନ ସ୍କୁଲ, କଲେଜରେ ଜିଲାର ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ଉପରେ ବକ୍ତୃତା, କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ପଥପ୍ରାନ୍ତ ନାଟକ କରାଯିବ। ୧୯୩୮ ସେପ୍ଟେମ୍ବରରେ ଐତିହାସିକ କୃଷକ ସମାବେଶ ଓ ରାଲି ହୋଇଥିବାରୁ ସେପ୍ଟେମ୍ବର ୯ ତାରିଖ ଚୂଡାପାଲିରୁ ବଲାଙ୍ଗୀର ସହରକୁ ୨୨କିଲୋମିଟର ଦୂର ବାଇକ ରାଲି ପରିକ୍ରମା କରିବ। ଉକ୍ତ ଦିନ ବଲାଙ୍ଗୀର ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ଓ ସଂଗ୍ରାମ ଗାଥା ସଂକଳନ ଉନ୍ମୋଚିତ ହେବ। ଐତିହାସିକ ପ୍ରଫେସର ଡ. ଶିବପ୍ରସାଦ ନନ୍ଦଙ୍କ ସଂକଳନରେ ଏହି ବହି କାମ ଚାଲିଛି। ଜିଲାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସମ୍ପର୍କରେ ପ୍ରାମାଣିକ ତଥ୍ୟ ସଂଲଗ୍ନ ସୂଚନା ଓ ଘଟଣାକ୍ରମ ବିଷୟରେ ସୂଚନା ଦେଲେ ଉକ୍ତ ବହିରେ ସନ୍ନିବେଶିତ କରାଯିବ ବୋଲି ଡ. ନନ୍ଦ କହିଛନ୍ତି। ଏଦିଗରେ ଅଧିକ ସୂଚନା ଦେବାକୁ ସେ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କୁ ଅନୁରୋଧ ଜଣାଇଛନ୍ତି। ବଲାଙ୍ଗୀର କ୍ରାନ୍ତି ଦିବସ କମିଟିରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍‌ଙ୍କ ସହ ବଲାଙ୍ଗୀର ନାଗରିକ କମିଟି, ଆକ୍ସନ କମିଟି, ଭୂମିକା, ରୋଟାରୀ କ୍ଲବ୍ ଅଫ୍ ଇଲାଇଟ୍, ୟୁଥ୍ ଆକ୍ସନ କମିଟି, ବିଙ୍ଗ୍ ହ୍ୟୁମାନ ଫାଉଣ୍ଡେସନ୍, ମାହେଶ୍ୱରୀ, ବଲାଙ୍ଗୀର ସବୁଜ ବାହିନୀ, ସ୍ରୋତସ୍ୱତୀ, ସ୍ମୃତିବିନ୍ଦୁ ଫାଉଣ୍ଡେସନ ଆଦି ସାମିଲ ହୋଇଛନ୍ତି।

# ଜିଲାପାଳଙ୍କ ଜନଶୁଣାଣି ଶିବିର


ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

**ଭବାନୀପାଟଣା,୬।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଡ଼ ଗାଭାଲି ପରାଗ ହର୍ଷଦଙ୍କ ଅଧକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ଅଭିଲାଷ ଜି, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ସୁଶାନ୍ତ କୁମାର ପଟେଲ, ପିଡି ଡିଆର୍‌ଡିଏ ସୋମେଶ କୁମାର ଉପାଧ୍ୟାୟ, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ୍ ଦାସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୧୫୧ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୩୨ଟି ବ୍ୟକ୍ତିଗତ ସମସ୍ୟା ଓ ୧୯ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୧୩ଟି ଅଭିଯୋଗ ସମାଧାନ ତୁରନ୍ତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୩ଜଣଙ୍କୁ ୧୦,୦୦୦ ଟଙ୍କା, ୫, ୦୦୦ଟଙ୍କା ଓ ୨୦୦୦ ଟଙ୍କା ଚିକିତ୍ସା ସହାୟତା ଅନୁମୋଦନ କରାଯାଇଥିଲା।

## ସଂକ୍ଷେପରେ

### ଦେଶାନ୍ତର, ବେକାରି ସମସ୍ୟା ଦୂରୀକରଣ ପାଇଁ ଯୁବ ସମ୍ମିଳନୀ

**ବେହେରା/ଧର୍ମଗଡ଼,୬।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡସ୍ଥିତ ଏକ ହୋଟେଲଠାରେ ଚାଇଲଡ ଫଣ୍ଡ ଇଣ୍ଡିଆ ପକ୍ଷରୁ ଦେଶାନ୍ତର ଓ ବେକାରି ସମସ୍ୟା ଦୂରୀକରଣ ପାଇଁ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଧର୍ମଗଡ ବିଡିଓ ଶରତ କୁମାର ସେଠୀ, ଆସିଷ୍ଟାଣ୍ଟ ସବକଲେକ୍ଟର ଚିନ୍ମୟ କୁମାର ନାଏକ ଏବଂ ସମ୍ମାନିତ ଅତିଥି ଏଏଲଓ ସୁଶାନ୍ତ କୁମାର ପାଇକରାଏଙ୍କ ସମେତ ବିଭିନ୍ନ ସରକାରୀ ବେସରକାରୀ ତାଲିମ କେନ୍ଦ୍ର ormas,Olm,cipet, ବଳରାମ ପଣ୍ଡା ଟ୍ରଷ୍ଟ ଯୋଗଦେଇ। ସରକାରଙ୍କ ବିଭିନ୍ନ ଯୋଜନା ମାଧମରେ ଦେଶାନ୍ତର ଓ ବେକାରୀ ସମସ୍ୟା ସମାଧାନ ପାଇଁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଅନେକ ଯୁବକଯୁବତୀ ଭଗ ନେଇଥିଲେ । ଏହି କାର୍ଯ୍ୟକ୍ରମ ସନ୍ଦୀପ ନାଗ ପରିଚାଳନା କରିଥିବା ବେଳେ ଯୋଗେଶ୍ୱର ବୁଦ୍ଧିଆ, ବିହାରୀ ରାଉତ, ନମିତା ନାୟକ, ସମୀକ୍ଷ୍ୟା ସିଂଙ୍କ ସମେତ ଚାଇଲଡ ଫଣ୍ଡ ଇଣ୍ଡିଆ କର୍ମୀମାନେ ସହଯୋଗ କରିଥିଲେ।

### ବ୍ଲକସ୍ତରୀୟ ଅଙ୍ଗନୱାଡି କର୍ମୀଙ୍କ ତାଲିମ କାର୍ଯ୍ୟକ୍ରମ

**ଖଡ଼ିଆଳ,୬।୬(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ କଲ୍ୟାଣ ମଣ୍ଡପ ଦୁଇରେ ୱାର୍ଲଡ଼ ଭିଜନ ଇଣ୍ଡିଆ ଖଡ଼ିଆଳ ଶାଖା ପକ୍ଷରୁ ଶିଶୁ ମାତୃ ମୃତ୍ୟୁ ରୋକିବା ଓ ଅପପୁଷ୍ଟି ଦୂର କରିବା ପ୍ରସଙ୍ଗରେ ଅଙ୍ଗନୱାଡି କର୍ମୀମାନଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇସିଡିଏସ ସୁପରଭାଇଜର ତୁଳସୀ ଲତା ରାଉତ, କଳ୍ପନା ରାଉତ ଯୋଗଦେଇ ଶିଶୁ ଓ ମା'ମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ୱାର୍ଲଡ଼ଭିଜନ କାର୍ଯ୍ୟକ୍ରମ ଅଧିକାରୀ ସୁପ୍ରତିକ୍ଷା ଚୌଧରୀ, ସିଏସଇ ମିତାଲି ରାଣୀ ପାତ୍ର, ବରିଷ୍ଠ ଅଧିକାରୀ ମୃଣାଳ ସେନ ଗୁପ୍ତା, ଅନୁପ ଚନ୍ଦ୍ର ଦାସ ମା'ଓ ଶିଶୁ ସୁରକ୍ଷା ପାଇଁ ଅନୁଷ୍ଠାନ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିବା ସହ ଆସନ୍ତା ବର୍ଷ ଶେଷ ସୁଦ୍ଧା ଖଡ଼ିଆଳ ଅଞ୍ଚଳରୁ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ହ୍ରାସ କରାଯିବ ବୋଲି ସୂଚନା ଦେଇଥିଲେ। ଏଥିରେ କେୟାର ଗ୍ରୁପ ସୁପରଭାଇଜର ସୁରେଶ ଚନ୍ଦ୍ର ଜାଲ, ଅହଲ୍ୟା ନନ୍ଦ, ଲୋକନାଥ ନିଆଲ, ଶୁଭାଚନ୍ଦ୍ର ମାଝିଙ୍କ ସମେତ ସିଡିଏଫ ଡାଭିଡ ନିଆଲ, ଏମ୍. ଭାସ୍କର ରାଓ, ଇମାନୁଏଲ ହନୁମାନ, ଜ୍ୟୋତି ପ୍ରଭା ତରାଇ, ଶକ୍ତିରଞ୍ଜନ ନନ୍ଦ, କେଶ୍ୱର ନାଏକ ପ୍ରମୁଖ ପୁଷ୍ଟିହୀନତାସ୍ଥିତି ଉପସ୍ଥାପନ କରି ଅନୁଷ୍ଠାନ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସହଯୋଗ ବିଷୟରେ କହିଥିଲେ। ଏଥିରେ ଖଡ଼ିଆଳ ବ୍ଲକର ୮୨ଜଣ ଅଙ୍ଗନୱାଡି କର୍ମୀ ଅଂଶ ଗ୍ରହଣ କରିଥିଲେ।

### ବିଜୁ ଗ୍ରାମୀଣ ସାପ୍ତାହିକ ବଜାର ଉଦ୍‌ଘାଟିତ

**ଜୁନାଗଡ,୬।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦେଦର ପଞ୍ଚାୟତ ବଣ୍ଡୋଗୁଡା ବୁଢାରଜା ମନ୍ଦିର ନିକଟରେ ସୋମବାର ବିଜୁ ଗ୍ରାମୀଣ ସାପ୍ତାହିକ ବଜାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁଭାଗିନୀ ସାହୁଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ସମ୍ମାନିତ ଅତିଥି ଭାବେ ଜୁନାଗଡ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଲାଲବାହାଦୁର ଜାନି, ପିଇଓ ମହାଦେବ ସୁନାନୀ, ସମିତିସଭ୍ୟା କମଳିନୀ ମେହେର, ଜିଆରଏସ୍ ଦିବ୍ୟ ରଞ୍ଜନ ବେହେରା, ଯୋଗାଣ ସହାୟକ ମନୋଜ ମେହେର ପ୍ରମୁଖ ଯୋଗଦେଇଥିଲେ। ସପ୍ତାହର ପ୍ରତି ସୋମବାର ଏହି ବଜାର ବସିବ ବୋଲି ଜଣାପଡିଛି। ଏହା ଯୋଗୁ ଅଞ୍ଚଳର ଅନେକ ବ୍ୟବସାୟୀ ନିଜ ସାମଗ୍ରୀ ବିକ୍ରି ଲାଭବାନ ହେବା ସହ ସ୍ଥାନୀୟ ଲୋକେ ମଧ ଠିକ୍ ସମୟରେ ଉପଯୁକ୍ତ ସାମଗ୍ରୀ ପାଇ ଉପକୃତ ହେବେ ବୋଲି ପିଇଓ ସୁନାନୀ ପ୍ରକାଶ କରିଛନ୍ତି।

# ମୋଦି ସରକାରଙ୍କ ୮ମ ବର୍ଷ ପୂର୍ତ୍ତିରେ ମହିଳା ସମାବେଶ


ସମାବେଶରେ ଉପସ୍ଥିତ ମହିଳାମାନେ।

**ନୂଆପଡ଼ା ଅଫିସ,୬।୬**

କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ତଥା ମୋଦିଙ୍କ ପ୍ରଧାନମନ୍ତ୍ରୀତ୍ୱର ୮ମ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାଜପା ପକ୍ଷରୁ ବିଭିନ୍ନ ସଭା ସମିତି କରାଯାଉଛି। ଏହିକ୍ରମରେ ସୋମବାର ନୂଆପଡା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ କୋମନା ବ୍ଲକ ତରବୋଡ ସମ୍ଭବ ଆମ୍ବ ବଗିଚାଠାରେ ଏକ ମହିଳା ସମାବେଶ ଆୟୋଜନ କରାଯାଇଥିଲା। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଭୁନେଶ୍ୱରୀ ଦଣ୍ଡସେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, କୃଷକ ସଂଘ ଆବାହକ ଯଦୁମଣି ପାଣିଗ୍ରାହୀ, ରାଜ୍ୟ ଏସସି ମୋର୍ଚ୍ଚା ଉପ ସଭାପତି ମନିଜର ଆର୍ଯ୍ୟ, ଏମବିକେ ସଂଘ ସଭାନେତ୍ରୀ ମିନା କୁମାରୀ ମାଝି, ଅଙ୍ଗନୱାଡି ସଂଘ ସଭାନେତ୍ରୀ ଚନ୍ଦ୍ର ପ୍ରଭା ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନଥିଲେ। ସମାବେଶରେ କୋମନା ବ୍ଲକ ମହିଳା ସ୍ୱୟଂ ସହାୟକ ଗୋଷ୍ଠି, ଆଶା, ଅଙ୍ଗନୱାଡିମାନେ ଯୋଗଦେଇଥିଲେ।

## କବିତା ପାଠୋତ୍ସବ ମାଧ୍ୟମରେ ପରିବେଶ ସଚେତନତା

**କଣ୍ଟାବାଞ୍ଜି, ୬।୬ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ନିର୍ଝରିଣି ଆନୁକୂଲ୍ୟରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସାହିତ୍ୟ ସଂସଦ ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାରତୀୟ ଶିକ୍ଷଣ ମଣ୍ଡଳ ପଶ୍ଚିମ ଓଡିଶା ପ୍ରାନ୍ତ ପ୍ରଭାରୀ ଡ.ଉମେଶ ସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କଣ୍ଟାବାଞ୍ଜି ରେଞ୍ଜର ଶ୍ରଦ୍ଧାଦେବ ବଡମାଲି ମୁଖ୍ୟବକ୍ତା, ବ୍ୟଙ୍ଗକବି ସ୍ୱପ୍ନେଶ୍ୱର ମିଶ୍ର, ଶିଶୁ ସାହିତ୍ୟିକ ଡଂ. ଯୁଗଳ କିଶୋର ଷଡଙ୍ଗୀ, ଜୟପୁରର କବିୟତ୍ରୀ ରାଜେଶ୍ୱରୀ ନନ୍ଦ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଜଙ୍ଗଲ ସୃଷ୍ଟି ଉପରେ କବିତା ମାଧ୍ୟମରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ବଲାଙ୍ଗୀର ପରିବେଶ ସମିତି ତରଫରୁ କବୟିତ୍ରୀ ସବିତା ଭୋଇଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ ମିଳିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ପାଠ ଉତ୍ସବରେ ବହୁସଂଖ୍ୟାରେ କବିୟତ୍ରୀ କବି ଅଂଶ ଗ୍ରହଣ କରି ବିଶ୍ୱ ପରିବେଶ ଦିବସ ଉପରେ ରଚିତ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ସଞ୍ଚାଳନ, ମଧୁସୂଦନ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ଲାଷ୍ଟିକ ପରିବର୍ତ୍ତେ କପଡ଼ା ବେଗ ବ୍ୟବହାର କରିବାକୁ ସଚେତନତା

**ନୂଆପଡ଼ା ଅଫିସ,୬।୬**


ଜଣେ ଦୋକାନୀଙ୍କୁ କାଗଜ ବ୍ୟାଗ ପ୍ରଦାନ କରୁଛନ୍ତି।

ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବିଶ୍ୱ ପରିବେଶ ଦିବସ ପରିପେକ୍ଷୀରେ ଦସ୍ତଖତ ଅଭିଯାନ ଓ ଶପଥ ପାଠ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ନେହେରୁ ଯୁବ କେନ୍ଦ୍ର ନୂଆପଡା ଜିଲା ଅଧିକାରୀ ଆଶିଷ କୁମାର ଠାକୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜାତୀୟ ସେଚ୍ଛାସେବୀ ଓ ଯୁବ ଅନୁଷ୍ଠାନ ସଦସ୍ୟମାନେ ନିଜେ ତିଆରି କରିଥିବା କାଗଜ ବ୍ୟାଗ ଦୋକାନୀ ଓ ଗ୍ରାହକଙ୍କୁ ପ୍ରଦାନ କରିବା ସହ ପ୍ରତ୍ୟେକ ଦୋକାନକୁ ଯାଇ ପ୍ଲାଷ୍ଟିକ ପରିବର୍ତ୍ତେ କପଡା ତିଆରି ବ୍ୟାଗ ବ୍ୟବହାର କରିବା ପାଇଁ ସଚେତନ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଘରବାଡିରେ ଗଛ ଲାଗାଇବା, ପଲିଥିନ ବ୍ୟବହାର ବନ୍ଦ କରିବା, ଜଙ୍ଗଲ ସମ୍ପଦ ସୁରକ୍ଷା ସହିତ ନୂତନ ଜଙ୍ଗଲ ସୃଷ୍ଟି କରିବା ଦିଗରେ ଧ୍ୟାନ ଦେବା ଉପରେ ସମସ୍ତଙ୍କୁ ବୁଝାଇଥିଲେ। ନୂଆପଡା ସଦର ମହକୁମା ଏକତା ଛକଠାରେ ଦସ୍ତଖତ ଅଭିଯାନ ଓ ଶପଥ ପାଠ କାର୍ଯ୍ୟକ୍ରମ ମାଧ୍ୟମରେ ଜନ ସାଧାରଣଙ୍କୁ ପର୍ଯ୍ୟବରଣ ସୁରକ୍ଷା ବିଷୟରେ ବୁଝାଇଥିଲେ। ଯୁବ ଗୋଷ୍ଠୀଙ୍କୁ ଆକୃଷ୍ଟ ପାଇଁ ସେଲଫି ବୁଥ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ନେହେରୁ ଯୁବ କେନ୍ଦ୍ରର ସେଚ୍ଛାସେବୀ ଜନକ ରାମ ପାଣ୍ଡେ, ବିଶାଖା ହରିଜନ, ଭାରତୀ ଭୋଇ, ଅଞ୍ଜଳି ଶବର, ଭଞ୍ଜକିଶୋର ନାଏକ, ହିତେଶ ମେହେର, ପ୍ରେମଲାଲ ଆଡବଙ୍ଗ, ପୁରୁଷମ ଶବର ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ। ସେହିପରି ଖଡିଆଳ ବ୍ଲକ ଭୁଲିଆସିକୁଆଁ ପଞ୍ଚାୟତ ଛତା ଗାଁରେ ୟାର ଅନୁଷ୍ଠାନ ଓ ଏଫଇଏସ ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ମହେନ୍ଦ୍ର ଯୋଶୀ ଅଧ୍ୟକ୍ଷତା କରିଥିବା ବେଳେ ଜିଲା ସଂଯୋଜକ ଅରୁଣ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଛତା ଗ୍ରାମର ସମସ୍ତଙ୍କ ଘରବାଡି, ରାସ୍ତାକଡ, ନିଜ ଜମି, ପାଖରେ ଥିବା ଜଙ୍ଗଲରେ ବୃକ୍ଷ ରୋପଣ ପାଇଁ ସଚେତନ କରିଥିଲେ। ତ୍ରିନାଥ ଓ ଭରତ ଭୋଇଙ୍କ ଘରବାଡିରେ ନିମ୍ବ ଚାରା ରୋପଣ କରାଯାଇଥିଲା। ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଅନୁଷ୍ଠାନ ସମ୍ପାଦକ ହରିଦାସ ପଟେଲ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଖୁସିରାମ ଭୋଇ, ଗୋଲକ ପାଣିଗ୍ରାହୀ, ଭଗବାନ ମାଝି, ପ୍ରବିଣ ପଟେଲ, କୁଶ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

# ବହୁ ବର୍ଦ୍ଧାବୃଦ୍ଧ, ବିଧବା ଭତ୍ତା ପାଇବାରୁ ବଞ୍ଚିତ

**ନୂଆପଡ଼ା ଅଫିସ,୬।୬**

**ସିଆଲଲଟି ପଞ୍ଚାୟତ**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁର ଭୂର୍ଷିପଡାର ଅନେକ ବିଧବା, ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ। ଏମାନେ ଭତ୍ତା ପାଇଁ ଅନେକ ଥର ପଞ୍ଚାୟତ, ବ୍ଲକକୁ ଯାଇ ଆବେଦନ କରିଥିଲେ ମଧ୍ୟ କିଛି ସୁଫଳ ପାଇନାହାନ୍ତି। ଶେଷରେ ନିରାଶ ହୋଇ ବସିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ହିତ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରି ପଞ୍ଚାୟତ ମାଧ୍ୟମରେ ହିତାଧିକାରୀମାନଙ୍କ ପାଖକୁ ସିଧାସଳଖ ସୁବିଧା ପହଞ୍ଚାଇବା ପାଇଁ ବ୍ୟବସ୍ଥା କରିଛନ୍ତି। ହେଲେ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଓ ମନମୁଖୀ କାର୍ଯ୍ୟ ଯୋଗୁ ଅନେକ ଯୋଗ୍ୟ ହିତାଧିକାରୀ ଭତ୍ତା କିମ୍ବା ଅନ୍ୟାନ୍ୟ ଯୋଜନାର ସହାୟତା ପାଇ ପାରୁନାହାନ୍ତି। ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ ଭୂର୍ଷିପଡାର ରତନୀ ବରିହାଙ୍କ ସ୍ୱାମୀ ଜଳ ବରିହା ୨୦୧୯ ଜୁଲାଇ ୨୫ରେ ମୃତ୍ୟୁବରଣ ହୋଇଥିଲେ ମଧ୍ୟ ବିଧବା ଭତ୍ତା ବର୍ତ୍ତମାନ ସୁଦ୍ଧା ପାଇନାହାନ୍ତି। ସେ ୱାର୍ଡମେମ୍ବରଙ୍କଠାରୁ ଆରମ୍ଭ କରି ବିଡିଓ ପର୍ଯ୍ୟନ୍ତ ଦଉଡ଼ି ଦଉଡ଼ି ନୟାନ୍ତ ହୋଇପଡିଲେଣି। ସେହିପରି ଯମୁନା ବରିହାଙ୍କୁ ୬୫ ବର୍ଷରୁ ଉର୍ଦ୍ଧ୍ୱ ହେଉଛି। ଆଧାର କାର୍ଡରେ ଯମୁନାଙ୍କ ସ୍ଥାନରେ ଝିଅ ସୁଭଦ୍ରା ବରିହାଙ୍କ ଫଟୋ ରହିଥିବାରୁ ଭତ୍ତା ହୋଇପାରୁନାହିଁ। ଯେଉଁ ଅଫିସକୁ ଭତ୍ତା ପାଇଁ ଆବେଦନ କରିବାକୁ ଗଲେ ଏହା ତୁମର ଆଧାର କାର୍ଡ ନୁହେଁ ବୋଲି ଫେରାଇ ଦେଉଛନ୍ତି। ବୈଶାଖୁ ବରିହାଙ୍କ ଆଧାର କାର୍ଡରେ ୧୯୫୯ ଏପ୍ରିଲ ୧୧ରେ ଜନ୍ମ ହୋଇଥିଲେ ମଧ୍ୟ ଭତ୍ତା ପାଉନାହାନ୍ତି। ଅମ୍ରିତା ବରିହାଙ୍କ ୧୯୬୦ ଏପ୍ରିଲ ୧୭ରେ ଜନ୍ମ ହୋଇଛି । ଏହି ସମସ୍ତେ ଭତ୍ତା ପାଇବାର ଯୋଗ୍ୟ ଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ ଏମାନଙ୍କ କଥାକୁ ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନନ୍ଦର ବଗର୍ତ୍ତିଙ୍କୁ ପଚାରିବାରୁ ମୁଁ ପଞ୍ଚାୟତରେ ଗୋଟିଏ ସପ୍ତାହ ହେବ ଯୋଗଦାନ କରିଛି। ମୁଁ ଏ ବିଷୟରେ ଅବଗତ ନୁହେଁ। ତଦନ୍ତ ପରେ କ'ଣ ସମସ୍ୟା ହୋଇଛି, ଦେଖି ସମାଧାନ କରାଯିବ ବୋଲି କହିଥିଲେ।

# କମ୍ ଶ୍ରେଣୀ ଗୃହ ଥିବାରୁ ଶିକ୍ଷାଦାନରେ ବାଧା

**ନୂଆପଡ଼ା ଅଫିସ,୬।୬**

**କିରକିଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ କରିକିଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିଜସ୍ୱ ଜମି ଚିହ୍ନଟ ପାଇଁ ସରପଞ୍ଚଙ୍କ ଜରିଆରେ ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାପ୍ତ ସୂଚନାନୁସାରେ ୧୯୫୮ ଅଗଷ୍ଟ ୭ରେ ଏହି ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ସ୍କୁଲ ଗତ କିଛି ବର୍ଷ ହେବ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଉନ୍ନିତ ହୋଇଛି। ବିଦ୍ୟାଳୟରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଛାତ୍ରୀଛାତ୍ର ଅନୁପାତରେ ଶ୍ରେଣୀ ଗୃହ ନ ଥିବାରୁ ଶିକ୍ଷାଦାନରେ ବାଧା ଉପୁଜୁଛି। ଆଜକୁ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ବର୍ଷର ବିଦ୍ୟାଳୟ ନିଜସ୍ୱ ଜମି ନ ଥିବାରୁ ନୂତନ ଶ୍ରେଣୀ ଗୃହ ନିର୍ମାଣ ହୋଇ ପାରୁନାହିଁ। ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମରେ ଏହି ବିଦ୍ୟାଳୟ ଜମିପଟ୍ଟା ରହିଥିବାରୁ ସେ ବିଦ୍ୟାଳୟ ଛାଡିବା ପାଇଁ ତାଗିଦ କରୁଛି ଓ ମଝିରେ ମଝିରେ ବିଦ୍ୟାଳୟ ଯାଇ ଚାପ ପକାଉଛନ୍ତି। ୬୦ ବର୍ଷରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ନାମରେ ଜମି ପଟ୍ଟା ନ ହୋଇ ଜଣେ ବ୍ୟକ୍ତି ନାମରେ ପଟ୍ଟା ହେବା ଭଳି ଘଟଣା ସାଧାରଣ ଲୋକଙ୍କୁ ଚକିତ କରୁଛି। ବିଦ୍ୟାଳୟ ନିଜସ୍ୱ ଜମି ନ ଥିବାରୁ ଛାତ୍ରୀଛାତ୍ରମାନଙ୍କ ପାଇଁ ଖେଳ ପଡିଆ କିମ୍ବା ସରକାରଙ୍କ ପକ୍ଷରୁ ଆସୁଥିବା ଶିକ୍ଷଣିୟ, ବ୍ୟାୟାମ, ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ହୋଇ ପାରୁନାହିଁ। ଦୀର୍ଘ ଦିନରୁ ଗ୍ରାମବାସୀ ଦାବି କରି ଆସୁଥିଲେ ମଧ୍ୟ କୌଣସି ଅଧିକାରୀ ବିଦ୍ୟାଳୟ ପ୍ରତି ଧ୍ୟାନ ଦେଉନାହାନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିଦ୍ୟାଳୟ ପାଇଁ ନୂତନ ଜମି ଚିହ୍ନଟ କରିବାକୁ ଗାଁ ଲୋକେ ଦାବି କରିଛନ୍ତି। ଜମି ଚିହ୍ନଟ ହେଲେ ନୂତନ ଶ୍ରେଣୀ ଗୃହ ନିର୍ମାଣ ସାଙ୍ଗକୁ ଖେଳ ପଡିଆ ହୋଇପାରିବ ଏବଂ ଛାତ୍ରୀଛାତ୍ରମାନେ ଖେଳି ପାରିବା ସହିତ ଶାରୀରିକ ବ୍ୟାୟାମ ମଧ୍ୟ କରି ପାରିବେ ବୋଲି ତିର୍ଥ ମହାନନ୍ଦ, ଶୋଭାସିଂ ମାଝି, ସବିତା ହଂସ, ଚୂଳମଣି ମାଝି, ନିକେସିଂ ହଂସ, ଲିଲି ମହାନନ୍ଦ, ଶୋବନୀ ମାଝି, ଚନ୍ଦ୍ରଭାନୁ ମାଝି ପ୍ରମୁଖ ଦାବି କରିଛନ୍ତି।

## ଜୁନାଗଡ଼ ଏନ୍‌ଏସି ସାଧାରଣ ବୈଠକ

**ଜୁନାଗଡ,୬।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଏନ୍‌ଏସିର ଦ୍ୱିତୀୟ ସାଧାରଣ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧକ୍ଷ ମୁକେଶ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, ଉପାଧକ୍ଷା ହିମାଦ୍ରୀ ନାଏକ, ଯନ୍ତ୍ରୀ ଅରୁଣ ବେହେରା, ଏମ୍‌ପି ପ୍ରତିନିଧି କାଳିନ୍ଦ୍ରୀ ପାଣିଗ୍ରାହୀ, ବିଧାୟକ ପ୍ରତିନିଧି ସତିଶ ପଧାନଙ୍କ ସମେତ ସମସ୍ତ କାଉନସିଲ ଯୋଗଦେଇଥିଲେ। ଆଗକୁ ବର୍ଷା ଋତୁ ଆସୁଥିବାରୁ ଏନ୍‌ଏସି ବିଭିନ୍ନ ୱାର୍ଡରେ ସଫେଇ ବ୍ୟବସ୍ଥା ସହ ପରିମଳ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା ସରକାରଙ୍କ ନିୟମାନୁଯାୟୀ ପ୍ରତି ୱାର୍ଡରେ ହିତାଧିକାରୀଙ୍କୁ ପିଡିଏସ୍ ବଣ୍ଟନ ଉପରେ ଗୁରୁତାରୋପ କରାଯାଇଥିଲା। ବୈଠକକୁ ଯନ୍ତ୍ରୀ ଅରୁଣ ବେହେରା ପରିଚାଳନା କରିଥିଲେ।

## ଫଟୋରେ ଖବର




**ବଲାଙ୍ଗୀରରେ ଶୀତଳଷଷ୍ଠୀ:** ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରାରେ ଦେବଦମ୍ପତିଙ୍କୁ ବିବିଏସ୍ଏସ୍ ଶୀତଳଷଷ୍ଠୀ କମିଟି ସହର ପରିକ୍ରମା କରୁଛନ୍ତି। ଏବିଏସ୍ଏସ୍ ଶୀଳତଷଷ୍ଠୀ କମିଟିର ଆକର୍ଷଣୀୟ ମେଢ଼। ଶୋଭାଯାତ୍ରାରେ ସଜିତ ଏକ ଶଗଡ ଗାଡିରେ ତିନି ଜୀଉ ବସିଛନ୍ତି। (ଫଟୋ-ସୁନୀଲ)

## ସଂକ୍ଷେପରେ

### ଚୋରା କେନ୍ଦୁପତ୍ର ବୋଝେଇ ଟ୍ରକ୍ ଜବତ



ରେଢାଖୋଲ,୬।୬(ଡି.ଏନ.ଏ.): ରେଢାଖୋଲ ବନଖଣ୍ଡ ବଡମାଳ ରେଞ୍ଜ ଅଧୀନ କୁଆଖୋଲ ଗ୍ରାମ ନିକଟରୁ ରବିବାର ରାତିରେ ଏକ ଚୋରା କେନ୍ଦୁପତ୍ର ବୋଝେଇ ମିନି ଟ୍ରକ୍‌କୁ ବନ ବିଭାଗ କର୍ମଚାରୀ ଜବତ କରିଛି। ହେଲେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ଫେରାର ହୋଇଯାଇଛନ୍ତି। ସୂଚନାମତେ ମିନି ଟ୍ରକ୍ (ନଂ.ଓଆର୍୧୫ଜେ-୩୬୪୧) ଯୋଗେ କୁଆଖୋଲ ଗ୍ରାମରୁ କେନ୍ଦୁପତ୍ର ବୋଝେଇ ହୋଇ ଚୋରାଚାଲାଣ ହେଉଥିବା ନେଇ ଡିଏଫ୍ଓ ରମାକାନ୍ତ ନାୟକ ଖବର ପାଇ ବଡମାଳ ରେଞ୍ଜରଙ୍କୁ ଚଢାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏସିଏଫ୍ ଦେବିପ୍ରସାଦ ରାଉତ, ରେଞ୍ଜର ପ୍ରଦୀପ ସେଠୀ, ଫରେଷ୍ଟର ପ୍ରବିଣ ସାହୁ, ବିଜୟ ବିଶ୍ୱାଳ, ଶ୍ରୀବସ୍ତ କିସାନ ପ୍ରମୁଖ ଚଢାଉ କରି ମିନିଟ୍ରକ ସହ ପ୍ରାୟ ୧୦ କୁଇଣ୍ଟାଲ ଚୋରା କେନ୍ଦୁପତ୍ର ଜବତ କରିଥିଲେ।

### ବିଶ୍ୱ ପରିବେଶ ଦିବସରେ ପ୍ରତିଭାଧାରୀ ସମ୍ମାନିତ

କୁଚିଣ୍ଡା,୬।୬(ଡି.ଏନ.ଏ.): କୁଚିଣ୍ଡା ଅରୁଣୋଦୟ ବିଦ୍ୟାଳୟ ପରିସରରେ ରୋପ ଚାଇଲ୍ଡଲାଇନ ପକ୍ଷରୁ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏଥିରେ କୁଚିଣ୍ଡା ଏନ୍ଏସି ଅଧକ୍ଷ ପ୍ରଦ୍ୟୁତ ମହାନ୍ତି ମୁଖ୍ୟ ଅତିଥି, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟବକ୍ତା ଓ କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସୁରେଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, କୁଚିଣ୍ଡା ଜେଲ ଅଧୀକ୍ଷକ ରାଧାକାନ୍ତ ନାଏକ, ରେଞ୍ଜର ରାଜଶ୍ରୀ ତିର୍କୀ, ପୂର୍ବତନ ବ୍ଲକ ଅଧକ୍ଷ କରୁଣାକର କିସାନ,ଏକଲବ୍ୟ ବିଦ୍ୟାଳୟ ଅଧକ୍ଷ ଚକ୍ରଧର ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ କୁଚିଣ୍ଡା ଅଞ୍ଚଳରେ ବୃକ୍ଷରୋପଣ ଓ ପ୍ରକୃତି ସଂରକ୍ଷଣ ସଚେତନତା କାର୍ଯ୍ୟ ପାଇଁ ତିନି ପ୍ରତିଭା ଜଙ୍ଗଲ ବିଭାଗର ପୂର୍ବତନ ରେଞ୍ଜର ଗଗନ ବିହାରୀ ମଲ୍ଲିକ, ସ୍ୱେଚ୍ଛାସେବୀ ବିଜୟ ଶଙ୍କର ସାହୁ ଓ କୁଚିଣ୍ଡା ହାଇସ୍କୁଲ ପିଇଟି କୈଳାସ ଚନ୍ଦ୍ର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିଙ୍କ ସହ ଅଭିଲାଷ ଅଗ୍ରୱାଲ, ସଂମିତା ମାଝି, ରୋଜାଲିନ ପ୍ରଧାନ, ରାହୁଲ ଅଗ୍ରୱାଲ, ରାକ୍ଷୀ ଅଗ୍ରୱାଲ, କୋଶିକ ଶର୍ମା, ରାଜେଶ ଶର୍ମା, ମନୋଜ ସାହୁ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ନୃତ୍ୟ ପରିବେଷଣ କରିଥିବା ଶିଶୁ ନୃତ୍ୟଶିଳ୍ପୀ ଅର୍ପିତା କୁଜୁର, ଶୁଭ୍ରାଂଶୀ ନାୟକ ଓ ସ୍ୱପ୍ନା ସୁନାନୀଙ୍କ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଚାଇଲ୍ଡଲାଇନର ତୃପ୍ତିମୟୀ ଦାସ ଧନ୍ୟବାଦ ଦେଇଥିଲେ।

# ସୁନ୍ଦର ପୃଥିବୀ ସୁନ୍ଦର ରହୁ: ଜିଲାପାଳ

ଝାରସୁଗୁଡା ଅଫିସ୍, ୬।୬

ଝାରସୁଗୁଡା ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଝାରସୁଗୁଡା ବନଖଣ୍ଡ ତରଫରୁ ସ୍ଥାନୀୟ ମାଳିମୁଣ୍ଡାସ୍ଥିତ ଇକୋପାର୍କରେ ଡିଏଫ୍ଓ ଲଳିତ କୁମାର ପାତ୍ରଙ୍କ ଅଧକ୍ଷତାରେ ଏକ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ସରୋଜ କୁମାର ସାମଲ, ଏସ୍ପି ରାହୁଲ ଜୈନ, ପରିବେଶବିତ ପ୍ରହ୍ଲାଦ ନାୟକ ଓ ତାପସରାୟ ଚୌଧୁରୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଜିଲାପାଳ ସାମଲ ସମାଜକୁ ବାର୍ତ୍ତାଦେଇ କହିଥିଲେ, ସୁନ୍ଦର ପୃଥିବୀ ସୁନ୍ଦର ରହୁ, ମାନବ ସଭ୍ୟତା ବଞ୍ଚିଥାଉ। ଏହି ଦିବସକୁ ବନଖଣ୍ଡ ତରଫରୁ ଯେଉଁଭଳି ପାଳନ କରାଯାଉଛି ଏହା କେବଳ ପାରମ୍ପାରିକ ନୁହେଁ। ଏଥିରେ ଜିଲାର ସମସ୍ତ ବର୍ଗର ବ୍ୟକ୍ତି ଅନ୍ତର୍ଭୁକ୍ତ ହୋଇ ଏହାକୁ ଉତ୍ସାହର ସହିତ ପ୍ରତ୍ୟେକ ବର୍ଷ ପାଳନ କରାଯାଇ ନୂଆନୂଆ ବାର୍ତ୍ତା ପ୍ରଦାନ କରାଯାଉଛି ବୋଲି ଜିଲାପାଳ କହିଛନ୍ତି। ଏନେଇ ଡିଏଫ୍ଓ ପାତ୍ର କହିଛନ୍ତି, ପ୍ରତ୍ୟେକ ବର୍ଷ ମାସିକ ବୃକ୍ଷରୋପଣ, ଚାରା ବିତରଣ, ରାସ୍ତାକଡରେ ବୃକ୍ଷରୋପଣ ଆଦି କରାଯାଉଛି। ଏହି ପରିପ୍ରେକ୍ଷିରେ ଜିଲାର ୫ଜଣ ପରିବେଶବିତଙ୍କୁ ଅତିଥିମାନେ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିମଧ୍ୟରେ ଲଖନପୁର ବ୍ଲକର ରାଜେଶ ପ୍ରଧାନ, ଝାରସୁଗୁଡା ବ୍ଲକର ସୁଶାନ୍ତ କୁମାର ପାଣ୍ଡେ, କୋଲାବିରା ବ୍ଲକର ପଦ୍ମଲୋଚନ ପଟେଲ, କିର୍ମିରା ବ୍ଲକର ସୁନିଲ କୁମାର ପଟେଲ, ଲଇକେରା ବ୍ଲକର କାମ ଛତ୍ରିଆ ରହିଛନ୍ତି। ଏହିପରି ଲଖନପୁର ବ୍ଲକ ସୋଲଦିଆ ଭିଏସ୍ଏସ୍ କାର୍ଯ୍ୟାଳୟରେ ବେଲପାହାଡ ବନାଞ୍ଚଳସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ବେଲପାହାଡ ଫରେଷ୍ଟର ପ୍ରଦୀପ ନାୟକ, ସମ୍ମାନିତ ଅତିଥି ଭିଏସ୍ଏସ୍ ସଭାପତି ନରୋତ୍ତମ ଅଡ୍ଡା, ମକରଧ୍ୱଜ ପ୍ରଧାନ, ଲଖନପୁର ଫରେଷ୍ଟର ସୁନିଲ ଭୋଇ, ବାଘମୁଣ୍ଡା ଫରେଷ୍ଟର ଗୌରାଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଝାରସୁଗୁଡା ପଞ୍ଚାପଡାସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିର ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ୯ନଂ. ୱାର୍ଡ କାଉନସିଲର ପ୍ରତୀମା ଭଇଁସାଲ, ମୁଖ୍ୟବକ୍ତା ଅବସରପ୍ରାପ୍ତ ବିଇଓ କ୍ଷୀରୋଦ ପ୍ରଧାନ, ସମ୍ମାନିତ ଅତିଥି ଈଶ୍ୱର ମେହେର, ମଞ୍ଜୁଲତା ପଟେଲ, ମାନସୀ ମିଶ୍ର, ପ୍ରକାଶ ପ୍ରଧାନ, କ୍ଷମାଶୀଳ ଭଇଁସାଲ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସ୍କୁଲ ପରିଚାଳନା ସମ୍ପାଦକ ଦିଗାମ୍ବର ମାଝି ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଝାରସୁଗୁଡା ଏଲ୍ଏନ୍ କଲେଜ ତରଫରୁ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପଣ୍ଡାଙ୍କ ପୌରହିତ୍ୟରେ ଆଭାସି ମାଧ୍ୟମରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଣୀ ବିଜ୍ଞାନ ପ୍ରଫେସର ତଥା ପରିବେଶବିତ ଡ.ଶ୍ରୀରୂପ ଗୋସ୍ୱାମୀ ଯୋଗଦେଇ ସମ୍ପ୍ରତି ବିଶ୍ୱରେ ପରିବେଶ ଜନିତ ଦୁଃସ୍ଥିତି ସମସ୍ୟା ନିରାକରଣ ଉପରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ଡ.ସ୍ୱର୍ଣ୍ଣମୟୀ ପୁରୋହିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରସାୟନ ବିଜ୍ଞାନ ପ୍ରାଧ୍ୟାପିକା ଡ.ସ୍ନେହଲତା ମିଶ୍ର ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିଥିଲେ। ଏଥିରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଛାତ୍ରୀ ସସ୍ମିତା ରୋହିଦାସ ଓ ଏଲ୍ଏନ୍ କଲେଜର ଛାତ୍ର ଚନ୍ଦ୍ର ମୋହନ ହେମ୍ବ୍ରମ ପରିବେଶ ଦିବସ ଉପରେ ନିଜସ୍ୱ ପ୍ରବନ୍ଧ ଉପସ୍ଥାପନ କରିଥିଲେ।



ବେଲପାହାଡ ବନାଞ୍ଚଳ ତରଫରୁ ସୋଲଦିଆ ଭିଏସ୍ଏସ୍ କାର୍ଯ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଉଛି।

### ରାସ୍ତା କାମରେ ଅନିୟମିତତା ଅଭିଯୋଗ



ଶବଦାହ ଗୃହକୁ ନିର୍ମାଣ ହୋଇଥିବା ରାସ୍ତା।

ଜମନକିରା,୬।୬(ଡି.ଏନ.ଏ.)

ଜମନକିରା ବ୍ଲକ ଗୁଣ୍ଡୁରୁଛୁଆଁ ଗ୍ରାମ ପଞ୍ଚାୟତ କତରକେଳା ଗ୍ରାମର ନଦୀ କୂଳରେ ଏକ ଶବଦାହ ଗୃହ ନିର୍ମାଣ କରାଯାଇଛି। ସେହିପରି ଆର୍‌ଡି ରାସ୍ତାରୁ ଶବଦାହ ଗୃହ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି। ହେଲେ ପ୍ରାୟ ୨୦ ମିଟର ଦୂରତା ବିଶିଷ୍ଟ ରାସ୍ତାରେ ଏତେ ଟଙ୍କା କିଭଳି ଖର୍ଚ୍ଚ ହେଲା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ୫ଲକ୍ଷ ଟଙ୍କାରେ କଂକ୍ରିଟ ରାସ୍ତା ସାଙ୍ଗକୁ ଶବଦାହ ଗୃହକୁ ସୁରକ୍ଷିତ ରଖିବା ପାଇଁ ଏକ ଗାର୍ଡ ୱାଲ ନିର୍ମାଣ କରାଯାଇ ମାଟି ଭର୍ତ୍ତି କରାଯାଇଛି।

## ରାଜ୍ୟସ୍ତରୀୟ ଗେମ୍ ଡ୍ୟାନ୍ସ ଚାମ୍ପିୟନଶିପ



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ମେଡାଲ ପ୍ରଦାନ କରୁଛନ୍ତି।

ଝାରସୁଗୁଡ଼ା ଅଫିସ,୬।୬

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲସ୍ଥିତ ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପରେ ସମଲେଶ୍ୱରୀ ମା' ଘର ଚାରିଟେବୁଲ୍ ଟ୍ରଷ୍ଟ ଓ ଗୁରୁକୁଳ ଆର୍ଟ ଷ୍ଟୁଡିଓର ମିଳିତ ଉଦ୍ୟମରେ ରାଜ୍ୟସ୍ତରୀୟ ଗେମ୍ ଡ୍ୟାନ୍ସ ଚାମ୍ପିୟନଶିପ୍ ୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଝାରସୁଗୁଡା, ସୁନ୍ଦରଗଡ, ରାଉରକେଲା, ବରଗଡ, କୋରାପୁଟ, ବହ୍ମପୁର, ବ୍ରଜରାଜନଗର, କଟକ, ଭବାନୀପାଟନା, ଅନଗୋଳ, ବନ୍ଧବାହାଲ ଆଦି ଅଞ୍ଚଳର ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କୁ ନେଇ ସିନିୟର ଓ ଜୁନିୟର ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ସିନିୟର ଗ୍ରୁପ୍‌ରେ କବିତା ଚମ୍ପିଆ ପ୍ରଥମ, ଜବିତ ଟପ୍ପୋ ଦ୍ୱିତୀୟ ଓ ନିକି ନାଗ୍ ତୃତୀୟ ସ୍ଥାନରେ ରହିଛନ୍ତି। ଜୁନିୟର ବର୍ଗରେ ଅଭିଲିପ୍ସା ପ୍ରିୟଦର୍ଶିନୀ ପ୍ରଥମ, ଦୀପଶିଖା ମହାପାତ୍ର ଦ୍ୱିତୀୟ ଓ ସ୍ମିତି ଭଇଁସା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଆୟୋଜକ ମଣ୍ଡଳୀ ତରଫରୁ କୃତୀ ପ୍ରତିଯୋଗୀଙ୍କୁ ଆର୍ଥିକ ରାଶି ସହ ମାନପତ୍ର ଦିଆଯାଇଥିଲା। ପ୍ରମୋଦ ବାର୍ଲା, ଆଶିଷ ଦେଶମୁଖ ଓ ଡିଲେଶ୍ୱର ହେଶା ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏମ୍‌ସିଏଲ୍ ଏପିଏମ୍ ସଞ୍ଜୀବ ଭରଦ୍ୱାଜ ମୁଖ୍ୟଅତିଥି ଓ ବେଲପାହାଡ ପୂର୍ବତନ ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ସାମାଜିକ କର୍ମୀ ଆଲୋକ ତ୍ରିପାଠୀ, ସମଲେଶ୍ୱରୀ ମା' ଘର ଚାରିଟେବୁଲ୍ ଟ୍ରଷ୍ଟ ସଭାପତି ପଦ୍ମିନୀ ସିଂ, ଗୁରୁକୁଳ ଆର୍ଟ ଷ୍ଟୁଡିଓ ନିର୍ଦ୍ଦେଶକ ସୁବ୍ରତ ମହନ୍ତ, ବିଜୟଲକ୍ଷ୍ମୀ ଷଡଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## ସମ୍ବଲପୁରରେ ତୃତୀୟ ସେଣ୍ଟ୍ରାଲ ସ୍କୁଲ ନିର୍ମାଣ ଦାବି

ସମ୍ବଲପୁର,୬।୬ (ବ୍ୟୁରୋ)

ସମ୍ବଲପୁର ଗସ୍ତ ସମୟରେ ରବିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଉତ୍କର୍ଷ ଅନୁଷ୍ଠାନ ଭେଟି ଶିକ୍ଷାକ୍ଷେତ୍ରରେ ଜିଲାରେ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମ୍ବଲପୁରରେ ତୃତୀୟ ସେଣ୍ଟ୍ରାଲ ସ୍କୁଲ ନିର୍ମାଣ, ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସେଣ୍ଟ୍ରାଲ ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତନ, ସେଣ୍ଟ୍ରାଲ ସ୍କୁଲରେ ଓଡ଼ିଆ ଭାଷା ପ୍ରଥମଶ୍ରେଣୀରୁ ପଢାଇବାକୁ ଦାବି କରିଥିଲେ। ଅନୁଷ୍ଠାନ କର୍ମକର୍ତ୍ତା ଦର୍ଶାଇଥିଲେ, ସମ୍ବଲପୁର ସହର ସମେତ ସମସ୍ତ ବ୍ଲକର ଅଭିଭାବକମାନେ ସେଣ୍ଟ୍ରାଲ ସ୍କୁଲରେ ପାଠ ପଢାଇବା ପାଇଁ ଇଚ୍ଛା କରୁଛନ୍ତି। ସହରରେ ଶିଳ୍ପ କଳକାରଖାନା ଗଢି ଉଠିଛି। ଜନସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି। ପ୍ରଥମେ ଗୋଟିଏ ସେଣ୍ଟ୍ରାଲ ସ୍କୁଲ ରହିଥିଲା। ବହୁ ଦାବି ପରେ ବୁର୍ଲାରେ କେନ୍ଦ୍ରୀୟ ବିଦ୍ୟାଳୟ ୨ ଖୋଲା ଯାଇଥିଲା। ଏବେ ଆଉ ଗୋଟିଏ ସ୍କୁଲର ଆବଶ୍ୟକତା ରହୁଛି। ତେଣୁ ଶୀଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ସେହିପରି ଏସ୍‌ୟୁକୁ ସେଣ୍ଟ୍ରାଲ ବିଶ୍ୱବିଦ୍ୟାଳୟ କରାଗଲେ ଅନୁଦାନ, ଅଧ୍ୟାପକ, କର୍ମଚାରୀ ସଂଖ୍ୟା ବୃଦ୍ଧି ପାଇବ। ବାହାରୁ ଛାତ୍ରୀଛାତ୍ର ଆସିବେ। ପ୍ରଥମ ଶ୍ରେଣୀରୁ ଓଡ଼ିଆ ଭାଷା ପଢାଗଲେ ଆଞ୍ଚଳିକ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ଦାବି କରିଥିଲେ। ଡାକ୍ତର ସଞ୍ଜୀବ ମିଶ୍ର, ସୁବ୍ରତ ମହାନ୍ତି, ଫଣିନ୍ଦ୍ର ପ୍ରଧାନ, ଶିବ ନନ୍ଦ, ସୂର୍ଯ୍ୟ ପାଣିଗ୍ରାହୀ, ମହେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଷ୍ଠାନ ସଦସ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

### ଓପିଜିସି ଟ୍ରେନ୍ ଲାଇନ୍‌ରେ କଟି ଯୁବକ ମୃତ

ଝାରସୁଗୁଡା ଅଫିସ,୬।୬

ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍‌ଥର୍ମାଲ ପ୍ରକଳ୍ପରୁ ମନୋହରପୁର କୋଇଲା ଖଣିକୁ ସଂଯୋଗ କରିଥିବା କମ୍ପାନୀର ନିଜସ୍ୱ ଟ୍ରେନ୍ ଲାଇନ୍‌ର ଆମ୍ବଦରହ ନିକଟରେ ଜଣେ ଯୁବକ ଟ୍ରେନ୍‌ରେ କଟି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଝାରସୁଗୁଡା ସଦର ଥାନା ଲହଣ୍ଡାବୁଡ ଗ୍ରାମର ଉପେନ୍ଦ୍ର ପଟେଲ(୩୩)। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଓପିଜିସି ଅଧିକାରୀ ମୁକେଶ ନାୟକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଓରିଏଣ୍ଟ ଥାନା ଅପମୃତ୍ୟୁ କେସ ନଂ୯/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ହିଣ୍ଡାଲ୍‌କୋରେ ବିଶ୍ୱ ପରିବେଶ ଦିବସ

ସମ୍ବଲପୁର,୬।୬ (ବ୍ୟୁରୋ)

ସମ୍ବଲପୁରର ହୀରାକୁଦ ହିଣ୍ଡାଲ୍‌କୋ କମ୍ପାନୀ ପକ୍ଷରୁ କ୍ଲଷ୍ଟର ମୁଖ୍ୟ କୈଳାଶ ପାଣ୍ଡେଙ୍କ ଆବାହକତ୍ୱରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏସ୍ଏଚ୍‌ଜି ମହିଳାମାନଙ୍କୁ ନେଇ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ନୂଆ କଲୋନୀଠାରୁ ବୁଡିଆକଟା ପର୍ଯ୍ୟନ୍ତ ରାସ୍ତା ସଫେଇ କରଯାଇ ବନୀକରଣ କରାଯାଇଥିଲା। ପାୱାର ପ୍ଲାଣ୍ଟ ମୁଖ୍ୟ ପ୍ରାଞ୍ଜଲ ପାଠକ, ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ହରେଶ ସିଂ, ପରିବେଶ ବିଭାଗ ମୁଖ୍ୟ ରଞ୍ଜନା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଝାରସୁଗୁଡ଼ା ଜିଲାରେ ଆଉ ୭୦ ହାଇସ୍କୁଲ ରୂପାନ୍ତରଣ

ଝାରସୁଗୁଡ଼ା ଅଫିସ,୬।୬

**ଭିଡିଓ କନଫରେନ୍ସିଂରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ**

ସ୍କୁଲ ରୂପାନ୍ତରଣ ଦ୍ୱିତୀୟ ପର୍ଯ୍ୟାୟର ଚତୁର୍ଥ ଦିନରେ ସୋମବାର ୫ ଜିଲାର ୪୯୦ ରୂପାନ୍ତରିତ ସ୍କୁଲ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫେରେନ୍ସିଂ ଜରିଆରେ ଲୋକାର୍ପିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡା ଜିଲାର ୭୦ ରୂପାନ୍ତରିତ ହାଇସ୍କୁଲ୍ ଲୋକାର୍ପିତ ହୋଇଛି। ଝାରସୁଗୁଡା ସରବାହାଲ ସରକାରୀ ହାଇସ୍କୁଲ୍‌ରେ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ବିଧାୟିକା ଅଳକା ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଜିଲାପାଳ ସରୋଜ କୁମାର ସାମଲ, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଲଙ୍କେଶ୍ୱର ଅମାତ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଆଲୋମଣୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସରବାହାଲ ସରକାରୀ ହାଇସ୍କୁଲ୍‌ର ଦଶମ ଶ୍ରେଣୀ ଛାତ୍ରୀ ପ୍ରଭାସିନୀ ଲାକ୍ରାଙ୍କୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ପାଠପଢି କ'ଣ ହେବବୋଲି ପଚାରିଥିଲେ। ଏହାର ଉତ୍ତରରେ ଛାତ୍ରୀ ଜଣଙ୍କ ପାଠପଢି ଅଧ୍ୟାପକ ହେବେ ବୋଲି କହିଥିଲେ।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଂଗ୍ରେସ ଓବିସି ସେଲ୍‌ର ଦାବିପତ୍ର

ଝାରସୁଗୁଡ଼ା ଅଫିସ,୬।୬

୯ଦଫା ଦାବି ନେଇ ପ୍ରଦେଶ କଂଗ୍ରେସ କମିଟି ଓବିସି ସେଲ୍ ତରଫରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସୋମବାର ରାଜ୍ୟର ସମସ୍ତ ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନପାଇଁ ଆହ୍ୱାନ କରାଯାଇଥିଲା। ଏହି ଅନୁଯାୟୀ ସୋମବାର ଝାରସୁଗୁଡା ଜିଲା ପଛୁଆ ବର୍ଗ (ଓବିସି ସେଲ୍) ତରଫରୁ ଜିଲା ସଭାପତି ସୁବ୍ରତ ପ୍ରଧାନଙ୍କ ନେତୃତ୍ୱରେ ଜିଲାପାଳ ସରୋଜ କୁମାର ସାମଲଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ବବୁଲ ରାୟ, ଧର୍ମେନ୍ଦ୍ର ପ୍ରଧାନ, ତପନ ଶତପଥି, ଆକାଶ ପ୍ରଧାନ ଓ ଅରବିନ୍ଦ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ୯ଦଫା ଦାବି ମଧ୍ୟରେ ଜନଗଣନା ଆଧାରରେ କରାଯାଉଥିବା ପ୍ରତ୍ୟେକ ଜାତିର ଅର୍ଥନୈତିକ, ସାମାଜିକ ଓ ଶିକ୍ଷାଗତ ଯୋଗ୍ୟତା ଠିକ୍ ଭାବେ ଚିହ୍ନଟ ହେବା ଆବଶ୍ୟକ। ଏଥିରେ ଯେଉଁମାନେ ସଂରକ୍ଷଣ ପାଇବେ ସେମାନେ ଅନ୍ୟ ଜାତିର ସଂରକ୍ଷଣରେ ଅଂଶଗ୍ରହଣ କରିପାରିବେ ନାହିଁ। ଓବିସି ବର୍ଗରେ ସରକାର ଶିକ୍ଷାକ୍ଷେତ୍ର ଓ ଚାକିରି କ୍ଷେତ୍ରରେ ସଂରକ୍ଷଣ କରିଛନ୍ତି। ଏ ନେଇ କେନ୍ଦ୍ର ସରକାର ବାର୍ଷିକ ସର୍ବନିମ୍ନ ଆୟରେ ୮ଲକ୍ଷ ଟଙ୍କା ନିର୍ଦ୍ଧାରିତ କରାଯାଇଥିବାବେଳେ ଏହାକୁ ୬ଲକ୍ଷ ଟଙ୍କାକୁ ହ୍ରାସ କରାଯାଉ। ଅନ୍ୟ ରାଜ୍ୟରେ ଯେପରି ସୈନ୍ୟବାହିନୀ ପାଇଁ ରେଜିମେଣ୍ଟ ଗଢାଯାଇଛି ସେହିପରି ଓଡ଼ିଶାରେ ଏହା ଗଠନ କରାଯାଉ ବୋଲି ଉଲ୍ଲେଖ କରାଯାଇଛି।



ଜିଲା ଓବିସି ସେଲ୍ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

## ବିଶ୍ୱ ପରିବେଶ ଦିବସ, ଦକ୍ଷତା ନିର୍ମାଣ କାର୍ଯ୍ୟକ୍ରମ

ସମ୍ବଲପୁର,୬।୬ (ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ, ହାତୀ ସୁରକ୍ଷା ସଂସ୍ଥା (ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ) ଓ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମିଳିତ ଆୟୋଜନରେ ବିଶ୍ୱ ପରିବେଶ ଦିବସ ଓ ଦକ୍ଷତା ନିର୍ମାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଧାରଣ ପକ୍ଷୀ ଶାଗୁଣା ଯଦି ପରିବେଶ ସଫା କରୁଛି ଆମେ କାହିଁକି କରିପାରିବା ନାହିଁ ବୋଲି କହିଥିଲେ। ଆର୍‌ସିସିଏଫ୍ ଚିତ୍ତରଞ୍ଜନ ମିଶ୍ର, ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ, ବ୍ରହ୍ମକୁମାରୀ ରାଜଯୋଗିନୀ ପାର୍ବତୀ ଦିଦି, ଏସିଏଫ୍ ତେଜରାଜ ନାୟକ , ଏସିଏଫ୍ ତ୍ରିଷ୍ଟି ଜିତଶତ୍ରୁ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡ. ଦେବବ୍ରତ ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଆମେ ଅମ୍ଳଜାନ ଗ୍ରହଣ କରି ଅଙ୍ଗାରକାମ୍ଳ ଛାଡ଼ି ପରିବେଶକୁ ଦୂଷିତ କରୁଛୁ। ମାତ୍ର ଗଛ ଅଙ୍ଗାରକାମ୍ଳ ଶୋଷି ଅମ୍ଳଜାନ ଦେଇ ପରିବେଶ ନିର୍ମଳ କରୁଛି। ତେଣୁ ସମସ୍ତେ ବୃକ୍ଷରୋପଣ କରି ତା'ର ଯତ୍ନ ନେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ପରିବେଶ ସୁରକ୍ଷା ସଂକ୍ରାନ୍ତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଷେତରାଜପୁରର ଶିକ୍ଷୟିତ୍ରୀ ବ୍ରହ୍ମାକୁମାରୀ ରାସେଶ୍ୱରୀଙ୍କ ଦ୍ୱାରା କୁନି କୁନି ପିଲାଙ୍କୁ ନେଇ ପରିବେଶ ସମ୍ପର୍କିତ ନୃତ୍ୟନାଟିକା ପରିବେଷିତ ହୋଇଥିଲା। ବ୍ରହ୍ମାକୁମାରୀ ଦୀପା ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ ଏସିଏଫ୍ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁର ବନଖଣ୍ଡ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ଟିପିଡବ୍ଲ୍ୟୁଓଡିଏଲ୍‌ରେ ବିଶ୍ୱ ପରିବେଶ ଦିବସ



ବୃକ୍ଷ ରୋପଣ କରୁଛନ୍ତି କମ୍ପାନୀ ଅଧିକାରୀ।

ସମ୍ବଲପୁର,୬।୬ (ବ୍ୟୁରୋ)

ଟିପିଡବ୍ଲ୍ୟୁଓଡିଏଲ୍ ବୁର୍ଲା ମୁଖ୍ୟ କାର୍ଯ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ କାଲେ ବୃକ୍ଷରୋପଣ କରି ସମାଜ ପ୍ରତି ଆମର ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ଜଣାଇଥିଲେ। ପ୍ରକୃତି ସହିତ ନିରନ୍ତର ସୁସମ୍ପର୍କ ଆମକୁ ଏକ ସୁସ୍ଥ ଓ ସୁଖମୟ ଜୀବନଯାପନ କରିବାରେ ସହାୟକ ହେବ। ଏହି ପରିପେକ୍ଷର ବିଭିନ୍ନ କ୍ଷେତ୍ର କାର୍ଯ୍ୟାଳୟ ତଥା ଅନ୍ୟାନ ଖୋଲା ସ୍ଥାନରେ ବୃକ୍ଷ ରୋପଣ କରିବାକୁ କହିଥିଲେ। ମାନବ ସମ୍ବଳ ବିଭାଗ ମୁଖ୍ୟ କସମସ ଲାର୍କା ଧନ୍ୟବାଦ ଦେଇଥିଲେ। କର୍ପୋରେଟ ଯୋଗାଯୋଗ ଓ ସରକାରୀ ସମ୍ପର୍କ ବିଭାଗ ମନୋଜ ପଟ୍ଟନାୟକ ସଂଯୋଜନା ଓ ପରିଚାଳନା କରିଥିଲେ।


ସୁସଜ୍ଜିତ ମେଢରେ ମାତା ପାର୍ବତୀ ଓ ଶୀତଳେଶ୍ୱର ବାବା।


ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ ପାଇଁ ଭକ୍ତମାନେ ଅପେକ୍ଷା କରିଛନ୍ତି।


ଚାନ୍ଦି ମେଢରେ ମାତା ପାର୍ବତୀ ଓ ଲୋକନାଥ ବାବା।

# ସମ୍ବଲପୁର ଶୀତଳ ଷଷ୍ଠୀ ଯାତ୍ରାର ଝଲକ


ଯାତ୍ରା ପଥରେ ଯୁଗଳ ମୂର୍ତ୍ତି ଦର୍ଶନ କରିବାକୁ ଭକ୍ତଙ୍କ ଭିଡ଼।


ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼।


ସୁସଜ୍ଜିତ ମେଢରେ ମାତା ପାର୍ବତୀ ଓ ଜାଗେଶ୍ୱର ବାବା।


ମାତା ପାର୍ବତୀ ଓ ଗୁପ୍ତେଶ୍ୱର ବାବା।


ଚାନ୍ଦିମେଢରେ ମାତା ପାର୍ବତୀ, ବାଲୁଙ୍କେଶ୍ୱର ବାବା।


କଳାକାରଙ୍କ ଛଉନୃତ୍ୟ ପରିବେଷଣ।


କଳାକାରଙ୍କ ଦ୍ୱାରା ବିହୁ ନୃତ୍ୟ ପରିବେଷଣ।


କଳାକାରଙ୍କ ରାଓ୍ୱତ ବାଦ୍ୟ ଓ ନୃତ୍ୟ।


କଳାକାରଙ୍କ ଗଉଡ଼ବାଡ଼ି ନୃତ୍ୟ ପରିବେଷଣ।


ସୁସଜ୍ଜିତ ମେଢରେ ମାତା ପାର୍ବତୀ ଓ ବୁଢାରଜା ମହାଦେବ।


କଳାକାରଙ୍କ ସପ୍ତଫେଣୀ ନୃତ୍ୟ।


କଳାକାରଙ୍କ ଭାଙ୍ଗଡା ନୃତ୍ୟ।


କଳାକାରଙ୍କ ଆଦିବାସୀ ନୃତ୍ୟ।


କଳାକାରଙ୍କ ବାଘ ନୃତ୍ୟ।


କଳାକାରଙ୍କ ଅଘୋରୀ ନୃତ୍ୟ।


କଳାକାରଙ୍କ ଘୁମୁରା ନୃତ୍ୟ ପରିବେଷଣ।

